ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

# ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୩୧, ଭୁବନେଶ୍ୱର: ଅଗଷ୍ଟ ୧୧-୧୭, ୨୦୨୫ | Vol-16, Issue-31, Bhubaneswar : August 11-17, 2025

RNI NO.ODIODI/2010/33715

# ଜଙ୍ଗଲ ନିଆଁ ରୋକିବାରେ ୧୦୦% ସଫଳତା ଜରୁରୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ବନ୍ୟପ୍ରାଣୀ ଶିକାର ରୋକିବା, ଜଙ୍ଗଲ ନିଆଁ ରୋକିବାରେ ଜଙ୍ଗଲ ବିଭାଗ ଭଲ କାମ କରୁଛି। ତଥାପି ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ କରିବାକୁ ପଡ଼ିବ। ଆବଶ୍ୟକ ସ୍ଥଳେ ବ୍ୟାପକ ଜନସଚେତନ ସୃଷ୍ଟି ସହିତ ନୂଆ ଟେକ୍ନୋଲୋଜିର ପ୍ରୟୋଗ କରିବା ଦରକାର। ଜଙ୍ଗଲ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ସୁରକ୍ଷା ମଞ୍ଚ ଇତ୍ୟାଦିର ସହଯୋଗ କାମନା ଜରୁରୀ।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର। ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି। ସେମାନଙ୍କ ପାଇଁ




ସଂଘର୍ଷହୀନ ସହାବସ୍ଥାନ ସୃଷ୍ଟି ଓ ସେମାନଙ୍କ ସୁରକ୍ଷା କରିବା ହେଉଛି ସରକାରଙ୍କ ନୈତିକ ଦାୟିତ୍ୱ। ବନ ଅଧିକାରୀମାନେ ସମସ୍ତେ ମୁଖ୍ୟତଃ ଗରିବ, ଆଦିବାସୀ, ଦଳିତବର୍ଗ ଲୋକଙ୍କ ସହିତ ମିଳାମିଶା କରୁଛନ୍ତି। ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସେମାନଙ୍କ ସହ ସମ୍ବେଦନଶୀଳତା ସହ ବ୍ୟବହାର କରିବାକୁ ପଡ଼ିବ। ସେହିପରି ହାତୀ ମନୁଷ୍ୟ ସଂଘର୍ଷକୁ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ହାତୀ ଖାଦ୍ୟ ପାଇଁ ଧାନ ଚାଷ କରିବା ପାଇଁ ବିଭାଗକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ଆମ ରାଜ୍ୟ ହେଉଛି ଏକ ଜୈବ ବିବିଧତା ପୂର୍ଣ୍ଣ ରାଜ୍ୟ। ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ସହିତ ଜଙ୍ଗଲ ମଧ୍ୟରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟିଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡ଼ିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। ଏହାଦ୍ୱାରା ରାଜ୍ୟର କୃଷକମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ। ଜଙ୍ଗଲ ସମ୍ପଦର ସଂରକ୍ଷଣ ଓ ବିଭାଗର ସଫଳତା ଉପରେ ପର୍ଯ୍ୟବସିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ବନଖଣ୍ଡର ବନ ସଂରକ୍ଷକ, ଡିଏଫ୍‌ଓ, ଏସିଏଫ୍‌ଙ୍କ ସମେତ ବିଭାଗୀୟ ଅଧିକାରୀମାନେ ସମ୍ମିଳନୀରେ ଯୋଗଦେଇଥିଲେ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଠକ ଭଳି କାର୍ଯ୍ୟ ଇଡି ପକ୍ଷେ ଶୋଭନୀୟ ନୁହେଁ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ବିପକ୍ଷ ଏକ ମାମଲାର ଶୁଣାଣି କରିଛନ୍ତି ସୁପ୍ରିମ୍‌କୋର୍ଟ। ଏହି ପ୍ରସଙ୍ଗରେ ଶୁଣାଣି କରିବା ଅବସରରେ କହିଛନ୍ତି, ଇଡିର ଭାବମୂର୍ତ୍ତି ନେଇ ସୁପ୍ରିମ୍‌କୋର୍ଟ ଅଧିକ ଚିନ୍ତିତ। ବର୍ତ୍ତମାନ ସମୟରେ ଇଡି ଏକ ଠକ ଭଳି ଆଚରଣ ପ୍ରଦର୍ଶନ କରୁଥିବା ପ୍ରତୀତ ହେଉଛି। ଇଡି ଭଳି ଏକ ତଦନ୍ତକାରୀ ସଂସ୍ଥା ପକ୍ଷେ ଏପ୍ରକାର କାର୍ଯ୍ୟ ଅତ୍ୟନ୍ତ ଅଶୋଭନୀୟ। ପ୍ରକାଶ, ଇଡି ପକ୍ଷରୁ ରୁଜୁ କରାଯାଉଥିବା ମାମଲାଗୁଡ଼ିକରେ ଦୋଷୀ ସାବ୍ୟସ୍ତ ହାର ହ୍ରାସ ପାଇବା ପରିପ୍ରେକ୍ଷୀରେ ସୁପ୍ରିମ୍‌କୋର୍ଟ ଦେଶର ଏହି ଅଗ୍ରଣୀ ତଦନ୍ତ ଏଜେନ୍ସି ଉପରେ ବର୍ଷିଛନ୍ତି। ସୁପ୍ରିମ୍‌କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଭର୍ତ୍ସନା କରି କହିଛନ୍ତି ଯେ ଏହା ଜଣେ ଠକ ଭଳି କାର୍ଯ୍ୟ କରିପାରିବ ନାହିଁ ଏବଂ ଏହାର ଆଚରଣ ଆଇନର ଚାରି କୋଣ ମଧ୍ୟରେ ହେବା ଉଚିତ୍। ପିଏମ୍‌ଏଲ୍‌ଏ ୨୦୨୨ ରାୟକୁ ଚ୍ୟାଲେଞ୍ଜ୍ କରି ଆଗତ ସମୀକ୍ଷା ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ତିନି ଜଣିଆ ଖଣ୍ଡପୀଠ କହିଛନ୍ତି, 'ଆପଣ ଜଣେ ଠକ ଭଳି କାର୍ଯ୍ୟ କରିପାରିବେ ନାହିଁ। ଆପଣଙ୍କୁ ଆଇନର ଚାରି କୋଣ ମଧ୍ୟରେ କାମ କରିବାକୁ ପଡ଼ିବ। ଆଇନ-ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷ ଏବଂ ଆଇନ-ଉଲ୍ଲଂଘନକାରୀ ସଂସ୍ଥା ମଧ୍ୟରେ ପାର୍ଥକ୍ୟ ଅଛି।' ବିଚାରପତି ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଏବଂ ଜଷ୍ଟିସ୍ ଏନ୍ କୋଟିଶ୍ୱର ସିଂହଙ୍କ ଉପସ୍ଥିତିରେ ଖଣ୍ଡପୀଠ ଇଡିକୁ ଏହାର ଅତି କମ୍ ଦୋଷୀ ସାବ୍ୟସ୍ତ ପାଇଁ ଭର୍ତ୍ସନା କରିଛନ୍ତି। ଏହି ଅବସରରେ ସଂସଦରେ ଜଣେ ମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ ଇଡି ପକ୍ଷରୁ ଦାୟର '୫,୦୦୦ ମାମଲାରେ ୧୦ଜଣରୁ ମଧ୍ୟ କମ୍ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହାକୁ ଉଦ୍ଧୃତ କରି ଖଣ୍ଡପୀଠ କହିଥିଲେ ଯେ ଇଡିର ଏପ୍ରକାର ଆଚରଣ ଅତ୍ୟନ୍ତ ଚିନ୍ତାଜନକ। ଉଚ୍ଚ ଅଦାଲତର ପ୍ରଶ୍ନର ଉତ୍ତର ଦେଇ, ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର୍ ଜେନେରାଲ୍ ଏସ୍‌ଭି ରାଜୁ ଯୁକ୍ତି ବାଢ଼ିଥିଲେ ଯେ ପିଏମ୍‌ଏଲ୍‌ଏ ମାମଲାରେ ଦୋଷୀ ସାବ୍ୟସ୍ତ ହାର କମ୍ ହେବାର ଏକ କାରଣ ହେଉଛି 'ଧନୀ ଏବଂ ଶକ୍ତିଶାଳୀ ବ୍ୟକ୍ତିମାନେ ଓକିଲଙ୍କ ପ୍ୟାନେଲ୍‌କୁ ବ୍ୟବହାର କରିଥାନ୍ତି ଏବଂ ମାତ୍ରାଧିକ ଆବେଦନ ଦାଖଲ କରିଥାନ୍ତି। ଅଭିଯୁକ୍ତମାନେ ସେମାନଙ୍କ ବିରୋଧରେ ଆଗତ ମାମଲାର ବିଚାର ହେବାକୁ ମଧ୍ୟ ଦିଅନ୍ତି ନାହିଁ ଏବଂ ଏହାକୁ ବିଳମ୍ୱିତ କରିଥାନ୍ତି।

# ଅଭିନେତ୍ରୀ ମାଧୁରୀ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ୍ ଆମ୍ବାସାଡର୍

ଭୁବନେଶ୍ୱର: ବଲିଉଡ୍‌ର ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଓଡ଼ିଶା ହସ୍ତତନ୍ତର ହୋଇଛନ୍ତି ବ୍ରାଣ୍ଡ୍ ଆମ୍ବାସାଡର୍। ତାଙ୍କୁ ଏକ ବର୍ଷ ପାଇଁ ଭାବେ ଅନୁବନ୍ଧିତ କରାଯାଇଛି। ତାଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶ ବିଦେଶର ଫେସନ୍ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ। ଜାତୀୟ ହସ୍ତତନ୍ତ ଦିବସରେ ସ୍ଥାନୀୟ ଜନତା ମୈଦାନଠାରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି ଏହା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ। ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ। ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟରୁ ଆରମ୍ଭ କରି ବର୍ତ୍ତମାନର ବିଶ୍ୱ ଫ୍ୟାଶନ୍ ପ୍ଲାଟ୍‌ଫର୍ମ ପର୍ଯ୍ୟନ୍ତ ଆମର ବୟନ ସର୍ବଦା ଉତ୍କର୍ଷତା, ଆଧ୍ୟାତ୍ମିକତା ଓ ସଂସ୍କୃତିର ଜୟଗାନ କରିଆସିଛି। ହସ୍ତତନ୍ତ ଉନ୍ନୟନ ଯୋଜନା ମାଧ୍ୟମରେ ବୁଣାକାରମାନଙ୍କ ସାମାଜିକ-ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ୩୦ ଜିଲ୍ଲାରେ ୧ ଲକ୍ଷ ୩୦ ହଜାରରୁ ଅଧିକ ବୁଣାକାର ଓ ସହାୟକ ଶ୍ରମିକ ହସ୍ତତନ୍ତ କ୍ଷେତ୍ରରେ ସିଧାସଳଖ ନିୟୋଜିତ ଅଛନ୍ତି। ପ୍ରାଥମିକ ବୁଣାକାର ସମବାୟ ସମିତି, ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଜରିଆରେ ଆମର ବୁଣାକାର ବନ୍ଧୁମାନେ ସଂଗଠିତ ହୋଇ ବୟନ ଐତିହ୍ୟକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିଆସୁଛନ୍ତି। ପୂର୍ବ ଭାରତର ସର୍ବବୃହତ୍ ଓଡ଼ିଶା ଟେକ୍ସଟାଇଲ୍ କନ୍‌କ୍ଲେଭ୍‌ରେ ରାଜ୍ୟରେ ଟେକ୍ସଟାଇଲ୍ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଟେକ୍ସଟାଇଲ୍ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ୍ ଆମ୍ବାସାଡର୍ ମାଧୁରୀ ଦୀକ୍ଷିତ କହିଥିଲେ ଯେ ସେ ବୁଣାକାରଙ୍କ ହୃଦୟର ସ୍ପନ୍ଦନକୁ ଅନୁଭବ କରନ୍ତି। ଏହି ଶିଳ୍ପ କେବଳ ବସ୍ତ୍ର ନୁହେଁ ପ୍ରତ୍ୟେକ ଓଡ଼ିଆର ପରିଚୟ ଏବଂ ଏହା ହିଁ ଓଡ଼ିଆ ଅସ୍ମିତା। ହସ୍ତତନ୍ତ କେବଳ ଜୀବିକା ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ ବୋଲି ପ୍ରକାଶ କରିଥିଲେ। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ ଆମ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବୟନ ଶିଳ୍ପର ଗୌରବମୟ ପରମ୍ପରାକୁ ବଜାୟ ରଖି ଏହାକୁ ଏକ ଆଧୁନିକ ବଜାର-ଚାହିଦା ଭିତ୍ତିକ ଉତ୍ପାଦରେ ପରିଣତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗୀୟ ନିର୍ଦ୍ଦେଶକ ପ୍ରେମ ଚାନ୍ଦ ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୋଭନା ମହାନ୍ତି ମହିଳା କମିଶନ ଅଧକ୍ଷା

ଭୁବନେଶ୍ୱର: ରାଜ୍ୟ ମହିଳା କମିଶନ ଅଧକ୍ଷା ହୋଇଛନ୍ତି ଶୋଭନା ମହାନ୍ତି। ଆସନ୍ତା ତିନି ବର୍ଷ ପାଇଁ ସେ ଉକ୍ତ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ ସମ୍ପାଦନ କରିବେ। ମଙ୍ଗଳବାର ଏନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ନୂଆ ନିଯୁକ୍ତି ପାଇବା ପରେ ଗଣମାଧ୍ୟମକୁ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାର ମହିଳା ନିର୍ଯାତନା ରୋକିବା ଉପରେ ଜରୁରୀ ପଦକ୍ଷେପ ନେଇଛନ୍ତି। ମୁଁ ମହିଳାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଯତ୍ନଶୀଳ ହେବି। ରାଜ୍ୟ ସରକାରଙ୍କୁ ସବୁ ଦିଗରେ ସହଯୋଗ କରିବି। ବିଶେଷକରି ବାଲେଶ୍ୱର ଆତ୍ମଦାହ ଘଟଣାରେ କଠୋର ପଦକ୍ଷେପ ନିଆଯିବ। ଆଗକୁ ମଧ୍ୟ ମହିଳାଙ୍କୁ ନ୍ୟାୟ ପାଇଁ କଠୋର ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ବବିତା ପାତ୍ର ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା

ଭୁବନେଶ୍ୱର: ବବିତା ପାତ୍ର ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ନୂଆ ଅଧକ୍ଷା ହୋଇଛନ୍ତି। ସେହିପରି ଆୟୋଗର ଆଉ ୬ ଜଣ ସଦସ୍ୟାଙ୍କ ନାମ ବି ଘୋଷଣା ହୋଇଛି। ସେମାନେ ହେଉଛନ୍ତି ସୁକେଶୀ ଓରାମ, କଳ୍ପନା ଲେଙ୍କା, ଚନ୍ଦନା ଦାସ, କସ୍ତୁରୀ ମିଶ୍ର, ମନସ୍ମିତା ଖୁଣ୍ଟିଆ ଓ ସୁଜାତା ନାୟକ। ମଙ୍ଗଳବାର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିଶୁ ଅଧିକାର ଆଇନ ଆୟୋଗ, ୨୦୦୫ର ଧାରା ୧୭ ଅନୁଯାୟୀ, ୩୦ସେପ୍ଟେମ୍ବର ୨୦୧୦ଠାରୁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ(ଓଏସ୍‌ସିପିସିଆର୍) ଗଠନ କରାଯାଇଛି।

# ବ୍ୟବହାର ହେବ ପ୍ଲାଷ୍ଟିକ୍ ବର୍ଜ୍ୟ

**ଭୁବନେଶ୍ୱର:** ସହରାଞ୍ଚଳରେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ଅଳିଆ ବ୍ୟବହାର ଉପରେ ବିଚାର ବିମର୍ଶ କରିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ପାଢୀ ସହରାଞ୍ଚଳ ଭିତ୍ତିଭୂମି ବିକାଶରେ ସ୍ଥାୟୀ ଏବଂ ପରିବେଶ-ଅନୁକୂଳ ଅଭ୍ୟାସ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଲୋକପାତ କରିଥିଲେ ଯେ ପ୍ଲାଷ୍ଟିକ୍ ଅଳିଆ, ବିଶେଷକରି ବୋତଲ ଏବଂ କ୍ୟାରୀ ବ୍ୟାଗ୍ ଭଳି ଜିନିଷରୁ ବାହାରୁଥିବା ଅଳିଆକୁ ଖଣ୍ଡ ଖଣ୍ଡ କରି ଗରମ ବିଟୁମେନ୍ ଏବଂ ସମାହାର ସହିତ ମିଶ୍ରିତ କରି ରାସ୍ତା ନିର୍ମାଣ କରାଯାଇପାରିବ। ଖାରବେଳ ଭବନଠାରେ ଅନୁଷ୍ଠିତ ବୈଠକରେ ଡ. ଏନ୍. ଥିରୁମାଲା ନାଏକ, ଉପାଧକ୍ଷ, ବିଡିଏ, ଜେପି ବର୍ମା, ପ୍ରକଳ୍ପ ନିର୍ଦ୍ଦେଶକ ଏନ୍‌ଏଚ୍‌ଏଆଇ, ଅବିନାଶ ବେହେରା, ପ୍ରବନ୍ଧକ ଟେକ୍ନିକାଲ୍ ଆର୍‌ଓ ଏନ୍‌ଏଚ୍‌ଏଆଇ, ବିଳାସ ବେହେରା ଇଆଇସି ପିଏଚ୍, ବିନୟ ଦାସ, ଅତିରିକ୍ତ ସଚିବ, ରତ୍ନାକର ସାହୁ, ଅତିରିକ୍ତ କମିଶନର, ବିଏମ୍‌ସି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ବୁଲନ୍ତୁ ଦେଶପ୍ରୀତିରେ
- ମଜାର ବାର 'ରବିବାର'
- ଜେନେରେଟିଭ୍ ଏଆଇ
- ୟୁରିକ୍ ଏସିଡ୍

# ଜନାଦେଶର ଉପହାସ

ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ନାମରେ ଶାସନର ଯେଉଁ ତିନୋଟି ଅଙ୍ଗ ଅଛି, ସେଗୁଡ଼ିକ ନିଜ ନିଜ ସୀମା ଭିତରେ ରହିଲେ 'ଗଣ'ର ବା ସମସ୍ତଙ୍କ ବିକାଶ ସମ୍ଭବ ହେବ: କୌଣସି ବ୍ୟକ୍ତି ବା କେତେକ ବ୍ୟକ୍ତିଙ୍କ ଗୋଷ୍ଠୀ ଅନ୍ୟକୁ ବା ଅନ୍ୟଗୋଷ୍ଠୀକୁ ଶୋଷଣ କରିବାର ଅବସର ପାଇବ ନାହିଁ। ରାଜନୀତି ଶାସ୍ତ୍ରରେ ଯେତେ ପ୍ରକାରର ଶାସନ ବ୍ୟବସ୍ଥା ଉଲ୍ଲେଖ ଅଛି ତହିଁରେ ଗଣତନ୍ତ୍ରର ଜନାଦେଶକୁ ସର୍ବୋତ୍ତମ ଧରାଯାଏ। ବ୍ୟକ୍ତିଗୋଷ୍ଠୀ ଏକ ରାଜନୈତିକ ଦଳ ହୋଇଗଲେ ଗୋଷ୍ଠୀର ସ୍ୱାର୍ଥକୁ ଦେଖେ ଓ ଅନ୍ୟ ରାଜନୈତିକ ଦଳ ଯେପରି ଶାସନ ଗାଦିକୁ ନ ଆସୁ, ତାହାର ବିଭିନ୍ନ ଉପାୟ କରେ। ଏ ପ୍ରକାରର କନ୍ଦଳ ଜଙ୍ଗଲୀ ପରିବେଶ ସୃଷ୍ଟି କରେ: ହେଟାପଲର ମୁଖ୍ୟ ହେଟା (ଯାହାକୁ ରୁଡ୍‌ୱାର୍ଡ କିପ୍ଲିଙ୍ଗ୍ ତାଙ୍କ ବହି 'ଦି ଜଙ୍ଗଲ୍ ବୁକ୍'ରେ ଆଲ୍ଫା ମେଲ୍ ଆଖ୍ୟା ଦେଇଛନ୍ତି; ଆଜିକାଲି ମହିଳାମାନେ ବି ନେତୃସ୍ଥାନକୁ ଆସୁଥିବାରୁ ଆଲ୍ଫା ଫିମେଲ୍ ବି ସମ୍ଭବ) ଯେପରି ସାରା ପଲକୁ କଣ୍ଟ୍ରୋଲ କରେ, ପ୍ରତି ରାଜନୈତିକ ଦଳର ମୁଖ୍ୟ (ସୁପ୍ରିମୋ ବା ହାଇକମାଣ୍ଡ) ଦଳର ସମସ୍ତ ସଦସ୍ୟଙ୍କୁ କଣ୍ଟ୍ରୋଲ କରନ୍ତି ଏବଂ ତାଙ୍କର ମତ ନ ମାନିଲେ ଗୋଠରୁ ବାହାର, ମାନେ ରାଜନୈତିକ ମୃତ୍ୟୁ। ଆମ ସମ୍ବିଧାନ-ପ୍ରଣୟନକାରୀମାନେ 'ରାଜନୈତିକ ଦଳ'ର ଚିନ୍ତା କରିନଥିଲେ, ସେମାନେ ଯେଉଁ ଦୁଇଟି ସମ୍ବିଧାନକୁ ଅନୁକରଣ କରୁଥିଲେ ତାହା ଆମେରିକା ଯୁକ୍ତରାଷ୍ଟ୍ରର ଲିଖିତ ସମ୍ବିଧାନ ଓ ବିଲାତର ପରମ୍ପରାଗତ ସମ୍ବିଧାନ, ତହିଁରେ ପଲିଟିକାଲ୍ ପାର୍ଟିର ଉଲ୍ଲେଖ ନ ଥିଲା। ସମ୍ବିଧାନ ପ୍ରଣୟନର ୩୫ ବର୍ଷ ପରେ ୧୯୮୫ରେ ୫୨ତମ ସମ୍ବିଧାନ ସଂଶୋଧନ ଆଇନ ଅଣାଯାଇ ସମ୍ବିଧାନ ଭିତରେ ୧୦ମ ତଫସିଲ ପୂରାଗଲା ଏବଂ ପରବର୍ତ୍ତୀ କାଳରେ ଲୋକ ପ୍ରତିନିଧି ଆଇନ (ଦି ରିପ୍ରେଜେଣ୍ଟେସନ୍ ଅଫ୍ ଦି ପିପୁଲ୍ ଆକ୍ଟ ୧୯୫୧)ର ସଂଶୋଧନ ହେଲା- ଭାରତର ନିର୍ବାଚନ କମିଶନ୍ (ଇସିଆଇ)ଙ୍କ ତାଲିକାଭୁକ୍ତ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ସଂଗୃହୀତ ଚାନ୍ଦା ଉପରେ ଆୟକର ଛାଡ଼ ପାଇଲେ ଏବଂ ନିର୍ବାଚନ ପ୍ରଚାରରେ ଦଳ କରୁଥିବା ଖର୍ଚ୍ଚକୁ ପ୍ରାର୍ଥୀର ନିର୍ବାଚନ-ଖର୍ଚ୍ଚସୀମା ବାହାରେ ରଖାଗଲା। ଏ ସବୁ ପରିବର୍ତ୍ତନ ରାଜନୈତିକ ଦଳମାନେ ସେମାନଙ୍କ ସୁବିଧା ପାଇଁ କରିନେଲେ। ଏଥିରୁ ଭ୍ରଷ୍ଟାଚାର ବୈଧାନିକ ହୋଇଗଲା। ୫ ବର୍ଷଯାକ ଜଣେ ଏମ୍‌ପି ୬୦ ଲକ୍ଷ ଟଙ୍କା ପାଖାପାଖି ଦରମା ପାଇବାର ଥିଲେ ବି ସେ ନିର୍ବାଚନରେ ୯୦ ଲକ୍ଷ ଖର୍ଚ୍ଚ କରିପାରିବେ ବୋଲି ଲୋକ ପ୍ରତିନିଧି ଆଇନ ଅଧୀନରେ ତିଆରି ହୋଇଥିବା ଆଦର୍ଶ ଆଚରଣ ବିଧିରେ ରହିଲା। ଏ କି ପ୍ରକାରର ଆଦର୍ଶ ଦଳର ପ୍ରତିନିଧିମାନେ ବିଚାର କଲେ ନାହିଁ। ଜଳ ଜଳ ଦିଶୁଥିବା ଏଭଳି ଭ୍ରଷ୍ଟାଚାରକୁ ରାଜନୈତିକ ଦଳମାନେ ଆଇନର ରୂପ ଦେଲେ। ଯେତେ ଅଧର୍ମ ବା ଭ୍ରଷ୍ଟାଚାରୀ ବା ଆପରାଧିକ କାମ କରିଥିଲେ ବି ଥରେ ରାଜ୍ୟପାଳ ବା ରାଷ୍ଟ୍ରମୁଖ୍ୟ ହୋଇଗଲେ ଚାରିଖୁଣ ମାଫ୍। ମାର୍କିନ୍ ଗଣତନ୍ତ୍ରରେ ମଧ୍ୟ ସେହି କଥା। ସମ୍ବିଧାନ ତିଆରି ବେଳେ ପଲିଟିକାଲ୍ ପାର୍ଟି ନ ଥିଲା, କି ଲୋକଙ୍କୁ ନିଜ ସାଙ୍ଗରେ ଭସାଇ ନେବା ଭଳି ଓଜସ୍ୱିନୀ ଭାଷଣବାଜି ନଥିଲା।

ଆମେରିକାରେ ରାଷ୍ଟ୍ରପତିଙ୍କ ଆଡକୁ ପାୱାର ଢଳିବା ଆଜିକାର କଥା ନୁହେଁ। ବହୁ ଦିନ ହେଲା ଡିବେଟ୍ ଚାଲିଆସିଛି କିପରି ରାଷ୍ଟ୍ରପତିଙ୍କ କ୍ଷମତାକୁ ସୀମିତ ରଖିବା। ରିଚାର୍ଡ ନିକ୍ସନ୍ ରାଷ୍ଟ୍ରପତୀୟ ପରମ୍ପରା ଭୁଲି ଯେପରି ୧୯୭୦ ଦଶକର ୱାଟର୍‌ଗେଟ୍ ସ୍କାଣ୍ଡାଲ୍‌ରେ ଫସିଗଲେ ତାହା କଂଗ୍ରେସକୁ ପ୍ରବର୍ତ୍ତାଇଲା ବହୁତ ନୂଆ ଆଇନ ଆଣିବାକୁ- ଏକ୍‌ଜିକ୍ୟୁଟିଭ୍ ପାୱାରକୁ ସୀମିତ କରି ତାକୁ ଆହୁରି ଦାୟିତ୍ୱଶୀଳ ହେବାକୁ – ଯଥା ପ୍ରେସିଡେଣ୍ଟଙ୍କ ଟାକ୍ସ ରିଟର୍ନ, ଆର୍ଥିକ ସ୍ୱାର୍ଥ ଦ୍ୱନ୍ଦ୍ୱ ସାଧାରଣରେ ପ୍ରକାଶ କରିବାକୁ ହେବ। ଟ୍ରମ୍ପ୍ ତାଙ୍କର ଦ୍ୱିତୀୟବାର ପ୍ରେସିଡେନ୍ସିରେ କାଣିଚାଏ ବି ମାନୁନାହାନ୍ତି। ପ୍ରେସିଡେଣ୍ଟ ଆଉ ଜୁଡିସିଆରି ଭିତରେ ସମ୍ପର୍କରେ କେବେ ତିକ୍ତତା ସୃଷ୍ଟି ହୋଇନଥିଲା। ମନା କରୁଥିବା ନିକ୍ସନ ବି ଶେଷରେ କୋର୍ଟ ଅର୍ଡର ମାନି ପୂରା ୱାଟରଗେଟ୍ ଟେପ୍ ପେଶ୍ କରିଥିଲେ। ଟ୍ରମ୍ପ୍ ଏଯାଏ ନ୍ୟାୟାଳୟର ଗୋଟିଏ ମାତ୍ର ରାୟ -ଏଲ୍ ସାଲଭାଡର୍‌ର କିଲମର୍ ଆବ୍ରେଗୋ ଗାର୍ସିଆଙ୍କ ନିର୍ବାସନରୁ ଫେରାଇ ଆଣିବା- ପାଳନ କରିଛନ୍ତି, ତା ବି ୨ ମାସ ଡେରିରେ। ମଝିରେ ଟ୍ରମ୍ପ୍‌ଙ୍କ ଆଟର୍ନି ଜେନେରାଲ, ପାମ୍ ବଣ୍ଡି, କହିସାରିଥିଲେ 'ସେ ଆମ ଦେଶକୁ ଆସୁନାହିଁ।' ଫିଲ୍ମ ଷ୍ଟାର୍ ଷ୍ଟର୍ମି ଡାନିଏଲ୍‌ଙ୍କ ଯୌନ ନିର୍ଯାତନା ଅଭିଯୋଗକାରିଣୀଙ୍କୁ ଚୁପ୍ କରିବାକୁ ଓକିଲ ଜରିଆରେ ଟ୍ରମ୍ପ୍ ପ୍ରଚୁର ଡଲାର ('ଚୁପ୍ କରିବା ଟଙ୍କା', ହଶ୍ ମନି) ଦେଇଥିଲେ। ତଥାପି ମାନହାଟାନରେ ଜୁରି ତାଙ୍କ ୨୦୨୪ ମେ'ର ରାୟରେ ଯେ ଟ୍ରମ୍ପ୍‌ଙ୍କୁ ୩୪ଟାଯାକ ଦଫାରେ ଦୋଷୀ କହିଛନ୍ତି। ଜଣେ ପ୍ରାକ୍ତନ ରାଷ୍ଟ୍ରପତି 'ଦଣ୍ଡିତ ଅପରାଧୀ' ଘୋଷିତ ହେବା ପରେ ପୁଣି ରାଷ୍ଟ୍ରପତି ହୋଇ ରହିଥିବା ଯାଏ ଏ ଦଣ୍ଡ କାର୍ଯ୍ୟକାରୀ ହେବ ନାହିଁ, ଅବସର ପରେ କ'ଣ ହେବ ତାକୁ ଟ୍ରମ୍ପ୍ ଖାତିର ନ କରୁଥିବା କାରଣ ଏହି ସମୟରେ ତିନି ତିନିଟି ସୁପ୍ରିମ୍‌କୋର୍ଟ ରାୟ ତାଙ୍କ ସପକ୍ଷରେ ବାହାରି ତାଙ୍କୁ ସାହସୀ କରିଦେଇଛି- (୧) ୨୦୨୦ର ନିର୍ବାଚନ ଫଳକୁ ଓଲଟପାଲଟ କରିବା ଉଦ୍ୟମ ଟ୍ରମ୍ପଙ୍କୁ ଆଉ ଥରେ ପ୍ରେସିଡେଣ୍ଟ ପ୍ରାର୍ଥୀ ହେବାକୁ ଅଯୋଗ୍ୟ କରିଥିବା ରାୟକୁ ସୁପ୍ରିମ୍‌କୋର୍ଟ ନାକଚ କରିଦେଲେ; (୨) ପ୍ରେସିଡେଣ୍ଟଙ୍କ କ୍ଷମତାକୁ ରୋକିପାରିବାର ଯେଉଁ କ୍ଷମତା ଡିଷ୍ଟ୍ରିକ୍ଟ ଜଜ୍‌ମାନଙ୍କର ଥିଲା, ତାକୁ ସୁପ୍ରିମ୍‌କୋର୍ଟ ବେଆଇନ କହିଦେଲେ। ଟ୍ରମ୍ପ୍ ଏବେ ତାଙ୍କ ଆପ୍ରବାସନ (ଇମିଗ୍ରେସନ୍) ନୀତି ବିରୋଧରେ ରାୟ ଦେଇଥିବା ଡିଷ୍ଟ୍ରିକ୍ଟ ଜଜ୍‌ମାନଙ୍କୁ ଯାଚ୍ଛା ତା' ଭାଷାରେ ଗାଳି ଦେଉଛନ୍ତି, କେତେକଙ୍କ ନାଁରେ ମକଦ୍ଦମା କରିଲେଣି। ତାଙ୍କ ରିପବ୍ଲିକାନ୍ ଦଳର ଲୋକେ ଜଜ୍‌କୁ ଅପମାନିତ କରୁଛନ୍ତି, ମାରିଦେବା ଧମକ ଦେଉଛନ୍ତି, ସେମାନଙ୍କ ପରିବାର ସମ୍ପର୍କରେ ଏମିତିକା ଖବର ବାହାର କରୁଛନ୍ତି ଯେ ଦଳର ଲୋକେ ସେମାନଙ୍କୁ ବାଡ଼େଇବା ଧମକ ଦେଉଛନ୍ତି (ମାର୍କିନ୍ ଭାଷାରେ ଡକ୍ସିଂ, କୁତ୍ସାରଟନା)। ପ୍ରାୟ ୧୦୦ରୁ ଅଧିକ ଜଜ୍‌ଙ୍କ ନାଁରେ ମିଛରେ ମିଛରେ ପିଜା ଡେଲିଭରି ଅର୍ଡର ପଠାଇ ତା' ଫେରିଆସିଲେ ଜଜ୍‌ମାନେ ଦୋକାନୀମାନଙ୍କ ଦ୍ୱାରା ଭର୍ତ୍ସିତ ହେଉଛନ୍ତି। ୧. ନିର୍ବାଚନରେ ହରାଇବା ଓ ୨. କଂଗ୍ରେସରେ ମହାଭିଯୋଗ ଆଣି ପଦମୁକ୍ତ କରିବା – ଏ ଦୁଇଟାଯାକ ସାମ୍ବିଧାନିକ ଉପାୟକୁ ଟ୍ରମ୍ପ୍ ବିଫଳ କରିଦେଇଛନ୍ତି। ପରବର୍ତ୍ତୀ କାଳରେ କ'ଣ ଘଟିବ ସେଥିପାଇଁ ସେ ଚିନ୍ତା ନ କରି ମାର୍କିନ୍ ଶାସନକୁ ତାଙ୍କ ଦଳର ଶକ୍ତିବୃଦ୍ଧି କାମରେ ଲାଗି ପଡ଼ିଛନ୍ତି, ଆମେରିକା ଦଳତନ୍ତ୍ର ବା ଫାସିବାଦୀ ସରକାର ଆଡ଼କୁ ଆଡ଼କୁ ଢଳୁଛି।

ଆମ ଭାରତରେ ତ ରାଜନୈତିକ ଦଳମାନେ ନେତାଙ୍କ ଶାସନ (ଫାସିବାଦୀ ସରକାର)କୁ ନିଜର ନୀତି କରିସାରିଲେଣି। ଆମେରିକାରେ ଦଳପତି କୌଣସି ନିର୍ବାଚିତ ପ୍ରତିନିଧିଙ୍କୁ ଆସନରୁ ବିଚ୍ୟୁତ କରିପାରିବେ ନାହିଁ। କିନ୍ତୁ ଆମ ସମ୍ବିଧାନରେ ଏହା ରହିଗଲାଣି। ୧୯୮୫ରେ ୧୦ମ ତଫସିଲ୍ ସମ୍ବିଧାନ ଅନ୍ତର୍ଭୁକ୍ତ ହେଲା, ଲୋକପ୍ରତିନିଧିଙ୍କ ବିବେକ ନେତାଙ୍କ ପାଖରେ ବନ୍ଧା ପଡ଼ିଗଲା। ୨୦୦୩ର ସମ୍ବିଧାନ ସଂଶୋଧନ ଆଇନ ଦ୍ୱାରା ଲୋକ-ପ୍ରତିନିଧିଙ୍କୁ ବିଧାୟିକା-ଦଳ (ଲେଜିସ୍‌ଲେଟର ପାର୍ଟି)ର ପ୍ରତିନିଧି ବୋଲି ଗଣାଗଲା ଏବଂ ସେ ଯଦି ଗୃହର ଦଳୀୟ ନେତାଙ୍କ ଛାଟ (ହ୍ୱିପ୍) ନ ମାନିବେ, ସେ କେବଳ ଦଳରୁ ନିଲମ୍ବନ ହେବେ ତା ନୁହେଁ, ସେ ସରକାରୀ କର୍ମଚାରୀଙ୍କ ଭଳି ନେତାଙ୍କ ଅଧଃସ୍ତନ କର୍ମୀ ହୋଇଗଲେ, ନେତା (ସୁପ୍ରିମୋ ବା ହାଇକମାଣ୍ଡ) ଗୃହର ବାଚସ୍ପତିଙ୍କ ମତକୁ ନେଇ ସମ୍ପୃକ୍ତ ଏମ୍‌ଏଲ୍‌ଏ/ଏମ୍‌ପି ପଦର ଅଯୋଗ୍ୟ (ଆସନ ତ୍ୟାଗ କରିବା) ଘୋଷଣା କରାଇପାରନ୍ତି। ଲୋକଙ୍କ ଭୋଟ୍ ସୁପ୍ରିମୋ/ହାଇକମାଣ୍ଡଙ୍କ ମତ ଆଗରେ ତୁଚ୍ଛ। ସମ୍ବିଧାନ-ପ୍ରଣେତାମାନେ କେବେ ଭାବିନଥିଲେ ଯେ ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କ ଦଳର ନେତା ପ୍ରତିନିଧିତ୍ୱରୁ ବଞ୍ଚିତ କରିପାରିବେ। ପୁଣି ବିଧାୟିକାସଭାରୁ ଉନ୍ନୀତ ହୋଇ ମନ୍ତ୍ରୀ ହୋଇଥିବା ନେତାମାନେ ନିୟମ କରିସାରିଲେଣି ଯେ ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଶାଖାର ଅଧିକାରୀମାନେ ଚାକିରି ଛାଡ଼ିଲା କ୍ଷଣି (୨ ବର୍ଷ କୁଲିଂ ଅଫ୍ ପିରିଅଡ୍ ଆଉ ନାହିଁ) ନିର୍ବାଚନରେ ଲଢ଼ିପାରିବେ। ଏହାର ଗୂଢ଼ ତତ୍ତ୍ୱ ହେଲା- ହେ ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଅଫିସର୍‌ମାନେ ତୁମେ ଏବେଠୁ କୌଣସି ରାଜନୈତିକ ଦଳ ପ୍ରତି ଢଳ (ନେତାଙ୍କ କଥାକୁ କାମରେ ପରିଣତ କର) ତୁମକୁ ଦଳ ଜନପ୍ରତିନିଧି ନାଁରେ ପ୍ରାର୍ଥୀ କରେଇନେବ, ପାର୍ଟି ବି ସବୁ ଖର୍ଚ୍ଚ ସମ୍ଭାଳିବ, ନେତାମାନେ (ଦଳର ମୁଖ୍ୟ ବି) ପ୍ରଚାର କରିବେ। ଆମ ଶାସନ-ବ୍ୟବସ୍ଥା ପୂରାପୂରି ଫାସିବାଦୀ (ଦଳତନ୍ତ୍ର) ହେବାକୁ ବେଶି ଡେରିନାହିଁ। ନେତାଙ୍କ ସନ୍ତାନ ଜନ୍ମରୁ ଦଳର ଜେନେରାଲ୍ ସେକ୍ରେଟାରୀ ହେବେ ବା ନେତାଙ୍କ ମନୋନୀତ ବ୍ୟକ୍ତି ହିଁ ଦଳର ମୁଖ୍ୟ (ତେଣୁ ରାଷ୍ଟ୍ରମୁଖ୍ୟ) ହେବେ। ଯିଏ ପ୍ରଶ୍ନ ଉଠାଇବ ସେ ଜେଲ-ଯୋଗ୍ୟ ହେବ।

# ଜର୍ଜଟାଉନ୍ ସମ୍ମିଳନୀର ବାର୍ତ୍ତା

ଆଫ୍ରିକୀୟ ରାଷ୍ଟ୍ର ଗୁୟାନାର ଜର୍ଜଟାଉନରେ ସମ୍ପ୍ରତି ଜୁଲାଇରେ ଦୁଇଦିନ ଧରି ଅନୁଷ୍ଠିତ 'ବିଶ୍ୱ ଜୈବବିବିଧତା ମିଳିତମଞ୍ଚ ସମ୍ମିଳନୀ'ର ପ୍ରାରମ୍ଭରେ 'ବିଶ୍ୱ ଜୈବବିବିଧତା ମଞ୍ଚ' (ଜିବିଏ) ସ୍ଥାପନର ଶୁଭାରମ୍ଭ ଘଟିଛି। ଏହି ଅବସରରେ ଆମ ଗ୍ରହର ଜୈବବିବିଧତାର ସୁରକ୍ଷା, ପୁନରୁଦ୍ଧାର ଏବଂ ସହନୀୟ ବ୍ୟବହାର ନିମନ୍ତେ ବିଶ୍ୱସ୍ତରୀୟ ଅଭିଯାନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନେତୃବର୍ଗ ଏବଂ ପ୍ରତିନିଧିମାନେ ସେମାନଙ୍କର ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଏହା ସ୍ୱୀକାର୍ଯ୍ୟ ଯେ ମାନବ କଲ୍ୟାଣ, ଜଳବାୟୁ ସ୍ଥିରତା ଓ ଅନୁକୂଳନ, ଖାଦ୍ୟ ଓ ଜଳ ସୁରକ୍ଷା, ଜନସ୍ୱାସ୍ଥ୍ୟ ଏବଂ ପରିସଂସ୍ଥାର ଦୀର୍ଘକାଳୀନ ସ୍ଥାୟିତ୍ୱ ନିମନ୍ତେ ଜୈବବିବିଧତା ଏକ ମୌଳିକ ଭୂମିକା ନିର୍ବାହ କରେ। ପରନ୍ତୁ, ଅସହନୀୟ ମାନବୀୟ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜୈବବିବିଧତାର ତ୍ୱରିତ୍ ଅବକ୍ଷୟକୁ ରୋକିବା ନିମନ୍ତେ ବିଶ୍ୱସ୍ତରରେ ଏକ ଜରୁରୀ, ବିଜ୍ଞାନ ଆଧାରିତ, ସମନ୍ୱିତ, ପରିବର୍ତ୍ତନକାରୀ, ମହତ୍ତ୍ୱାକାଂକ୍ଷୀ ଏବଂ ଉତ୍ତରଦାୟିତ୍ୱସମ୍ପନ୍ନ କାର୍ଯ୍ୟପନ୍ଥା ଗ୍ରହଣ ଏକାନ୍ତ ଅପରିହାର୍ଯ୍ୟ। ଏହି ଲକ୍ଷ୍ୟରେ ସମ୍ମିଳନୀରେ ଯୋଗଦାନକାରୀ ରାଷ୍ଟ୍ରମୁଖ୍ୟ, ଆଦିବାସୀ ନେତୃବର୍ଗ, ବେସରକାରୀ ଅନୁଷ୍ଠାନ, ବୈଜ୍ଞାନିକ, ଶିକ୍ଷାନୁଷ୍ଠାନ ଏବଂ ଘରୋଇ କ୍ଷେତ୍ରର ପ୍ରତିନିଧିମାନେ ଜର୍ଜଟାଉନ ଘୋଷଣାପତ୍ରକୁ ବ୍ୟାପକ ରୂପେ ସମର୍ଥନ ଜଣାଇ ଅନୁମୋଦିତ କରିଛନ୍ତି। ଜୈବ ବିବିଧତାକୁ ଏକ ବିଶ୍ୱବ୍ୟାପୀ ସାର୍ବଜନୀନ ହିତ ଭାବରେ ସ୍ୱୀକାର କରି ଏହାକୁ ଜାତୀୟ ବିକାଶ ଯୋଜନା, ଜଳବାୟୁ ରଣନୀତି ଏବଂ ଆର୍ଥିକ ଢାଞ୍ଚାରେ ଏକୀକୃତ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଆଗାମୀ ନଭେମ୍ବର ୧୦-୨୧ ପର୍ଯ୍ୟନ୍ତ ବ୍ରାଜିଲରେ ହେବାକୁ ଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ୨୦୨୫ (କୋପ-୩୦)ର ସଭାପତି ଲାଗୋ ଏଥିରେ ଯୋଗଦାନ କରି ଜଳବାୟୁ ଆଲୋଚନାରେ ଜୈବବିବିଧତାର ଅଭିନ୍ନ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କୋପ-୩୦ ସହିତ ଦୃଢ଼ ସମନ୍ୱୟ ସ୍ଥାପନ ନିମନ୍ତେ ମଞ୍ଚକୁ ଅନୁରୋଧ କରିଥିଲେ। ଏହି ଶିଖର ସମ୍ମିଳନୀରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୧୪୦ରୁ ଅଧିକ ରାଷ୍ଟ୍ର ଏବଂ ସଂଗଠନ ଏକତ୍ରିତ ହୋଇଥିଲେ।

ଏହି ମଞ୍ଚ ପାଞ୍ଚଟି ରଣନୈତିକ କୌଶଳ ଉପରେ ଗଠିତ ଏକ ବ୍ୟାପକ ରୋଡମ୍ୟାପ୍ ଉନ୍ମୋଚନ କରିଛି। ଏଥିରେ ଅନ୍ତର୍ଭୁକ୍ତ ରହିଛି, ୧) ବିଶ୍ୱବ୍ୟାପୀ ୩୦ ଗୁଣନ ୩୦ ଲକ୍ଷ୍ୟ ହାସଲ କରିବା, ଅର୍ଥାତ୍ ୨୦୩୦ ସୁଦ୍ଧା ୩୦% ସ୍ଥଳଭାଗ ଏବଂ ସମୁଦ୍ରସ୍ଥ ପ୍ରାକୃତିକ ପରିସଂସ୍ଥାକୁ ସୁରକ୍ଷା ଦେବା, ୨) ଜାତୀୟ ଏବଂ କର୍ପୋରେଟ ବିକାଶ ଯୋଜନାରେ ଜୈବବିବିଧତାକୁ ମୁଖ୍ୟଧାରାରେ ଅନ୍ତର୍ଭୁକ୍ତ କରିବା, ୩) ଜୈବବିବିଧତା କ୍ରେଡିଟ, ସବୁଜ ବଣ୍ଡ ଏବଂ ପ୍ରକୃତି ପାଇଁ ଋଣ ପରି ଅଭିନବ ଆର୍ଥିକ ବ୍ୟବସ୍ଥାର ପ୍ରାବଧାନ କରିବା, ୪) ସ୍ୱୀକୃତି ପ୍ରଦାନ, ପ୍ରଶାସନିକ ଏବଂ ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଆଦିବାସୀ ଓ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ୫) 'ମୋଟ ଜୈବବିବିଧତା ଶକ୍ତି ସୂଚକାଙ୍କ' (ଗ୍ରସ ବାୟୋଡାଇଭର୍ସିଟି ପାୱାର୍ ଇଣ୍ଡେକ୍ସ) ସୃଷ୍ଟି ସମେତ ତଦାରଖ, ଉତ୍ତରଦାୟିତ୍ୱ ଏବଂ ତଥ୍ୟ ସାର୍ବଭୌମତ୍ୱ ନିମନ୍ତେ ଦୃଢ଼ ବ୍ୟବସ୍ଥାର ସ୍ଥାପନ କରିବା। ବିଶ୍ୱ ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ସହାୟତା ପ୍ରଦାନକାରୀ ସଂସ୍ଥାମାନେ ପରିବେଶଗତ କାର୍ଯ୍ୟଦକ୍ଷତା ଏବଂ ସଚ୍ଚୋଟତା ସହିତ ପାଣ୍ଠି ବିନିଯୋଗକୁ ସଂଯୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଖର ସମ୍ମିଳନୀରେ ଏକ ପ୍ରମୁଖ ବିଷୟବସ୍ତୁ ଥିଲା ଜୈବବିବିଧତା ସଂରକ୍ଷଣରେ ସମସ୍ତଙ୍କର ଅନ୍ତର୍ଭୁକ୍ତୀକରଣ ଏବଂ ସ୍ଥାନୀୟ ଭାବରେ ପରିଚାଳିତ ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ। ମଞ୍ଚରେ ଆଦିବାସୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ ପାଇବା ସହ ସେମାନଙ୍କର ପ୍ରଶାସନିକ ଭୂମିକା, ଜ୍ଞାନ କୌଶଳ ଏବଂ ଆର୍ଥିକ ଆବଶ୍ୟକତା ପ୍ରାଧାନ୍ୟ ହାସଲ କରିଥିଲା। ଏଥିସହ 'ତଥ୍ୟ ସାର୍ବଭୌମତ୍ୱ ନୀତି' ମଧ୍ୟ ଅନୁମୋଦିତ ହୋଇଥିଲା, ଯାହା ନିଶ୍ଚିତ କରେ ଯେ ଜୈବବିବିଧତା ନିରୀକ୍ଷଣ ପ୍ରକ୍ରିୟା ସ୍ଥାନୀୟ ଅଧିବାସୀଙ୍କର ମାଲିକାନା ଏବଂ ସମାନ ହିତସାଧନକୁ ସମର୍ଥନ କରେ। ଉପଯୁକ୍ତ ଯୋଜନାର କାର୍ଯ୍ୟକାରିତା ମାଧ୍ୟମରେ ମାପଯୋଗ୍ୟ ସଫଳତା ହାସଲ ହିଁ ଭବିଷ୍ୟତର ଲକ୍ଷ୍ୟ ବୋଲି ସ୍ଥିରୀକୃତ ହୋଇଥିଲା।

ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହି ମଞ୍ଚ ସ୍ଥାପନ ପୂର୍ବରୁ ପ୍ରାଣୀ, ଉଦ୍ଭିଦ ଏବଂ ଅଣୁଜୀବଙ୍କର ସମଷ୍ଟିକୁ ଅନ୍ତର୍ଭୁକ୍ତ କରୁଥିବା ଜୈବବିବିଧତାର ସୁରକ୍ଷା ନିମନ୍ତେ ଅନେକ ବିଶ୍ୱସ୍ତରୀୟ ପ୍ରୟାସ ଜାରିରହିଛି। ଏଥିରେ ପ୍ରମୁଖ ରୂପେ 'ଜୈବିକ ବିବିଧତା ସମ୍ମିଳନୀ' (ସିବିଡି) ଅନ୍ତର୍ଭୁକ୍ତ, ଯାହା ୧୯୯୨ରେ ବ୍ରାଜିଲର ରିଓ ଡି ଜେନିରୋରେ ଜାତିସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଖ୍ୟାତ 'ଧରିତ୍ରୀ ଶିଖର ସମ୍ମିଳନୀ' ଅବସରରେ ସ୍ୱାକ୍ଷର ନିମନ୍ତେ ଉନ୍ମୁକ୍ତ ହୋଇଥିଲା। ୧୯୬ ଜଣ ସଦସ୍ୟ ରାଷ୍ଟ୍ର ଥିବା ସିବିଡିର ତିନୋଟି ପ୍ରାଥମିକ ଲକ୍ଷ୍ୟ ହେଉଛି: ଜୈବିକ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସହନୀୟ ବ୍ୟବହାର ଏବଂ ଜିନୀୟ ସମ୍ବଳରୁ ଉପଲବ୍ଧ ଲାଭର ନିରପେକ୍ଷ ଓ ସମ ବଣ୍ଟନ। ଏହି ଲକ୍ଷ୍ୟଗୁଡ଼ିକ ଜୈବବିବିଧତାର କ୍ରମାଗତ ଅବକ୍ଷୟକୁ ରୋକିବା ଏବଂ ସମସ୍ତଙ୍କ ନିମନ୍ତେ ଏକ ନିରନ୍ତର ଭବିଷ୍ୟତକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟରତ। ଡିସେମ୍ବର ୨୦୨୨ରେ କାନାଡାର ମଣ୍ଟ୍ରିଲରେ ସିବିଡିର ୧୫ତମ ସଦସ୍ୟ ରାଷ୍ଟ୍ରଙ୍କ ସମ୍ମିଳନୀ (କୋପ-୧୫)ରେ 'କୁନ୍ମିଂ-ମଣ୍ଟ୍ରିଲ ବୈଶ୍ୱିକ ଜୈବବିବିଧତା ଢାଞ୍ଚା' ଗୃହୀତ ହୋଇଥିଲା; ଯେଉଁଥିରେ ବିଶ୍ୱର ଅତି କମ୍‌ରେ ୩୦ ପ୍ରତିଶତ ସ୍ଥଳଭାଗ, ଆଭ୍ୟନ୍ତରୀଣ ଜଳସ୍ଥଳୀ, ଉପକୂଳ ଅଞ୍ଚଳ ଏବଂ ମହାସାଗରକୁ ସଂରକ୍ଷଣ ଏବଂ ପରିଚାଳନା କରିବା ନିମନ୍ତେ ସ୍ଥିରୀକୃତ ହୋଇଥିଲା। ଏଥିରେ ଜୈବ ବିବିଧତା ଏବଂ ପରିସଂସ୍ଥାର କାର୍ଯ୍ୟ ସମ୍ପାଦନ ତଥା ସେବା ପ୍ରଦାନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ମହତ୍ତ୍ୱ ରଖୁଥିବା କ୍ଷେତ୍ରଗୁଡ଼ିକର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୋପ-୧୬ରେ 'ଜୈବବିବିଧତା ଉଧାର ମଞ୍ଚ'ର ପ୍ରତିଷ୍ଠା ହୋଇଥିଲା; ଯାହାର ଉଦ୍ଦେଶ୍ୟ ହେଉଛି ଜୈବବିବିଧତା ସମୃଦ୍ଧ ଅଞ୍ଚଳର ସଂରକ୍ଷଣ, ପୁନରୁଦ୍ଧାର ଏବଂ ସହନୀୟ ବ୍ୟବହାର ନିମନ୍ତେ ପାଣ୍ଠି ଯୋଗାଣର ବ୍ୟବସ୍ଥା କରିବା।

ଏହା ଆମର ହୃଦ୍‌ବୋଧ ହେବା ବାଞ୍ଛନୀୟ ଯେ ଜୈବବିବିଧତାର ଅବକ୍ଷୟ ଉଭୟ ପରିବେଶ ଏବଂ ମାନବ କଲ୍ୟାଣ ବିରୋଧରେ ସୁଦୂରପ୍ରସାରୀ ନକାରାତ୍ମକ ପ୍ରଭାବ ବିସ୍ତାର କରେ। ପରିସଂସ୍ଥା ବିପର୍ଯ୍ୟସ୍ତ ହୁଏ, ସେମାନଙ୍କ ସ୍ଥିରତାରେ ଅସନ୍ତୁଳନ ଘଟେ ଏବଂ ଉଦ୍ଭିଦ-ପ୍ରାଣୀ ଉତ୍ସରୁ ଲବ୍ଧ ବିବିଧ ପଦାର୍ଥ ତଥା ସ୍ୱଚ୍ଛ ବାୟୁ ଓ ଜଳ ଭଳି ଅତ୍ୟାବଶ୍ୟକୀୟ ସେବା ଯୋଗାଣ ବାଧାପ୍ରାପ୍ତ ହୁଏ। ଏସବୁର ପରିଣାମରେ ଖାଦ୍ୟ ସୁରକ୍ଷା ବ୍ୟାହତ ହୁଏ, ରୋଗ ସୃଷ୍ଟିରେ ବୃଦ୍ଧି ଘଟେ ଏବଂ ଆର୍ଥିକ କ୍ଷୟକ୍ଷତି ତ୍ୱରାନ୍ୱିତ ହୁଏ। ପୁନଶ୍ଚ, ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବହୁ ଜୀବଜାତି କ୍ରମଶଃ ବିଲୁପ୍ତିର ଦ୍ୱାରଦେଶରେ ଉପନୀତ ହେଉଛନ୍ତି ଏବଂ ସେମାନଙ୍କର ଭୌଗୋଳିକ ବଣ୍ଟନ ପ୍ରଭାବିତ ହେଉଛି। ଏପରି ଦୃଶ୍ୟପଟରେ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଉପଯୁକ୍ତ ରାଷ୍ଟ୍ରୀୟ ତଥା ବିଶ୍ୱସ୍ତରୀୟ ପଦକ୍ଷେପ ଗ୍ରହଣ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଜୀବଜାତିଙ୍କ ବାସସ୍ଥଳୀର ସୁରକ୍ଷା ନିମନ୍ତେ ଅଧିକ ଜାତୀୟ ଉଦ୍ୟାନ, ସଂରକ୍ଷିତ ବନ୍ୟପ୍ରାଣୀ ଅଞ୍ଚଳ ଏବଂ ସାମୁଦ୍ରିକ ଅଭୟାରଣ୍ୟର ପ୍ରତିଷ୍ଠା ତଥା ଅବକ୍ଷୟିତ ପରିସଂସ୍ଥା ସବୁର ପୁନରୁଦ୍ଧାର ଏକାନ୍ତ ଅପରିହାର୍ଯ୍ୟ। ବନୀକରଣ ଏବଂ ବୃକ୍ଷରୋପଣକୁ ପ୍ରୋତ୍ସାହନ, ବିଲୁପ୍ତପ୍ରାୟ ଜୀବଜାତିଙ୍କ ଶିକାରର ଦୃଢ଼ ନିରୋଧ, ପରିବେଶ ଅନୁକୂଳ ବ୍ୟବହାରକୁ ଉତ୍ସାହିତ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣକୁ ନିରୁତ୍ସାହିତ କରାଯିବା ବିଧେୟ।

ପୁନଶ୍ଚ, ଜୈବବିବିଧତା ଆଇନ ସବୁର କାର୍ଯ୍ୟାନ୍ୱୟନ, ଅନ୍ତର୍ଜାତୀୟ ଚୁକ୍ତିନାମାକୁ ସମର୍ଥନ ଏବଂ ଜାତୀୟ ବିକାଶ ରଣନୀତିରେ ଜୈବ ବିବିଧତା ଲକ୍ଷ୍ୟକୁ ସାମିଲ କରାଯିବା ବାଞ୍ଛନୀୟ। ପରିସଂସ୍ଥାର ପ୍ରଦୂଷଣକୁ ରୋକିବା, ସ୍ୱଚ୍ଛ ଶକ୍ତି ଓ ଅଙ୍ଗାରକ ହ୍ରାସନ ପ୍ରଯୁକ୍ତିବିଦ୍ୟାର ପ୍ରୋତ୍ସାହନ ଏବଂ ସ୍ଥାନୀୟ ଜୀବଜାତିଙ୍କର କ୍ଷତିସାଧନକାରୀ ବାହ୍ୟ ପ୍ରଜାତିଙ୍କର ନିୟନ୍ତ୍ରଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ, ସ୍ଥାନୀୟ ସମ୍ପ୍ରଦାୟକୁ ଜୈବ ବିବିଧତାର ଗୁରୁତ୍ୱ ପ୍ରସଙ୍ଗରେ ଶିକ୍ଷା ପ୍ରଦାନ; ସେମାନଙ୍କୁ ସଂରକ୍ଷଣ ପ୍ରକ୍ରିୟାରେ ସାମିଲ; ପାରମ୍ପରିକ, ସମ୍ପ୍ରଦାୟଭିତ୍ତିକ ସଂରକ୍ଷଣ, ଏବଂ ନିରନ୍ତର ଜୀବିକାର୍ଜନକୁ ସମର୍ଥନ ମହତ୍ତ୍ୱପୂର୍ଣ୍ଣ ଅଟେ। ଅଧିକ ବୈଜ୍ଞାନିକ ଅନୁସନ୍ଧାନ, ଜିଆଇଏସ, ଡ୍ରୋନ ଏବଂ ରିମୋଟ ସେନ୍ସିଂ ଭଳି ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଅଧ୍ୟୟନ ଏବଂ ଅନୁକୂଳିତ ପରିଚାଳନା ନିମନ୍ତେ ଯୋଜନା ପ୍ରଣୟନ ହେଉଛି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ। ସର୍ବୋପରି, ବିଦ୍ୟାଳୟ ପାଠ୍ୟକ୍ରମରେ ଜୈବବିବିଧତାକୁ ସାମିଲ, ସଂରକ୍ଷଣ ଅଭିଯାନରେ ଜନସାଧାରଣଙ୍କର ଅଂଶଗ୍ରହଣ ଏବଂ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଜୈବବିବିଧତା ସୁରକ୍ଷାର ପ୍ରଚାର ହେଉଛି ସମୟୋପଯୋଗୀ ପଦକ୍ଷେପ। ଅନ୍ୟଥା, ଜୈବବିବିଧତା ପ୍ରାଚୁର୍ଯ୍ୟର ଅବକ୍ଷୟରେ ସମ୍ବଳରହିତ ଏକ ମରୁଭୂମିରେ ଜୀବନଯାପନ କରିବା ଭବିଷ୍ୟତ ପିଢ଼ି ନିମନ୍ତେ ଏକ ଆହ୍ୱାନକାରୀ ପରିସ୍ଥିତି ସୃଷ୍ଟି କରିବ।

# ୫୦% ଟାରିଫ୍ ଲଗାଇବା ପରେ ପୁଣି ଧମକ ଦେଲେ ଟ୍ରମ୍ପ୍

ୱାଶିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଟାରିଫ ଲଗାଇବା ପରେ ଏବେ ଆହୁରି ସେକେଣ୍ଡାରୀ ଟାରିଫ୍। ସେକେଣ୍ଡାରୀ ସାଙ୍କସନ୍ ଲଗାଇବାର ଧମକ ଦେଇଛନ୍ତି। ଏହି ନିଷ୍ପତ୍ତି ଭାରତର ରୁଷିଆ ସହ ବାଣିଜ୍ୟ ସମ୍ପର୍କ, ବିଶେଷତଃ ରୁଷିଆରୁ ତୈଳ ଓ ସାମରିକ ସାମଗ୍ରୀ କିଣୁଥିବା କାରଣରୁ ନିଆଯାଇଛି। ଟ୍ରମ୍ପ ଦାବି କରିଛନ୍ତି ଯେ ଭାରତର ଏହି ବାଣିଜ୍ୟ ରୁଷିଆର ୟୁକ୍ରେନ ଯୁଦ୍ଧକୁ ଅନୁରୂପ ଭାବେ ସମର୍ଥନ କରୁଛି, ଯାହା ଆମେରିକାର ସଂନିଷେଧ ନୀତିର ଉଲ୍ଲଂଘନ କରୁଛି।

ଗତ ଅଗଷ୍ଟ ୬ ତାରିଖରେ ଟ୍ରମ୍ପ ଏକ କାର୍ଯ୍ୟନିର୍ବାହୀ ଆଦେଶ ଜାରି କରି ଭାରତୀୟ ରପ୍ତାନୀ ଉପରେ ଅତିରିକ୍ତ ୨୫% ଟାରିଫ ଲଗାଇଥିଲେ, ଯାହା ପୂର୍ବରୁ ଥିବା ୨୫% ସହ ମିଶି ମୋଟ ୫୦% ଟାରିଫ ହେଉଛି। ଏହା ସେପ୍ଟେମ୍ବର ୧୭, ୨୦୨୫ରୁ କାର୍ଯ୍ୟକାରୀ ହେବ। ଏହି ଟାରିଫ ଭାରତର ଇଲେକ୍ଟ୍ରୋନିକ୍ସ, ଷ୍ଟିଲ ଓ ଅନ୍ୟାନ୍ୟ ମୁଖ୍ୟ ରପ୍ତାନୀ କ୍ଷେତ୍ରକୁ ପ୍ରଭାବିତ କରିବ, ଯାହା ଭାରତର ବାଣିଜ୍ୟକୁ ୩୦-୪୦ ବିଲିୟନ ଡଲାର ପର୍ଯ୍ୟନ୍ତ କ୍ଷତି ପହଞ୍ଚାଇପାରେ। ଟ୍ରମ୍ପ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, କେବଳ ୮ ଘଣ୍ଟା ହୋଇଛି। କ'ଣ ଘଟୁଛି ତାହା ଦେଖିଚାଲ। ତୁମେ ଆହୁରି ବହୁତ କିଛି ଦେଖିବାକୁ ପାଇବ। ତୁମେ ଅନେକ ଦ୍ୱିତୀୟ ପ୍ରତିବନ୍ଧକ ଦେଖିବାକୁ ପାଇବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଚୀନ୍ ଉପରେ "ସେକେଣ୍ଡାରୀ ଟାରିଫ୍" ଲଗାଇବା ବିଷୟରେ କଥା ହୋଇଛନ୍ତି। ଟ୍ରମ୍ପ ତାଙ୍କ ବିବୃତ୍ତିରେ କହିଛନ୍ତି, "ଆମେ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଛୁ। ଭାରତୀୟ ବୈଦେଶିକ ବ୍ୟାପାର ବିଶେଷଜ୍ଞ ସୁଭାଷ ଗୋୟାଲ ଏହି ଟାରିଫକୁ ନିନ୍ଦା କରି କହିଛନ୍ତି ଯେ ଏହା ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କକୁ କ୍ଷତି ପହଞ୍ଚାଇବ ଏବଂ ଉଭୟ ଦେଶର ଗ୍ରାହକଙ୍କୁ ପ୍ରଭାବିତ କରିବ। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଭାରତ କେବଳ ରୁଷିଆରୁ ନୁହେଁ, ବରଂ ୧୦-୧୫ଟି ଦେଶରୁ ତୈଳ ଆମଦାନୀ କରୁଛି, ଏବଂ ଇଉରୋପୀୟ ସଂଘ ମଧ୍ୟ ରୁଷିଆରୁ ତୈଳ କିଣୁଛି, କିନ୍ତୁ କେବଳ ଭାରତକୁ ହିଁ ଟାର୍ଗେଟ କରାଯାଉଛି। ଅନ୍ୟପକ୍ଷରେ, ଭାରତର ଅର୍ଥନୈତିକ ଉପଦେଷ୍ଟା ପରିଷଦର ସଦସ୍ୟ ଶମିକା ରବି ଚେତାବନୀ ଦେଇଛନ୍ତି ଯେ ଏହି ଟାରିଫ ଆମେରିକାର ନିମ୍ନ ଆୟ ପରିବାରମାନଙ୍କୁ ସର୍ବାଧିକ ପ୍ରଭାବିତ କରିବ। ଏହି ଘଟଣା ଭାରତ-ଆମେରିକା ସମ୍ପର୍କରେ ନୂଆ ଚାପ ସୃଷ୍ଟି କରିଛି।

# ଟ୍ରମ୍ପ୍‌ଙ୍କ ଟାରିଫ୍ ବୃଦ୍ଧି ପରେ ପ୍ରଧାନମନ୍ତ୍ରୀଙ୍କ କଡ଼ା ଜବାବ

ନୂଆଦିଲ୍ଲୀ: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୋଧରେ ଟାରିଫ ଯୁଦ୍ଧକୁ ତୀବ୍ର କରିଥିବାର ଦିନକ ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ବାର୍ତ୍ତା ଦେଇ କହିଛନ୍ତି ଯେ ଭାରତ କେବେ ବି ତା'ର ଚାଷୀ ଓ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ସହ ଆପୋଷ କରିବ ନାହିଁ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତାଙ୍କୁ ଏଥିପାଇଁ ବ୍ୟକ୍ତିଗତ ଭାବେ ବଡ଼ ମୂଲ୍ୟ ଦେବାକୁ ପଡ଼ିପାରେ, କିନ୍ତୁ ସେ ଏଥିପାଇଁ ପ୍ରସ୍ତୁତ।



ଦିଲ୍ଲୀରେ ଆୟୋଜିତ ଏମଏସ ସ୍ୱାମୀନାଥନ ଶତବାର୍ଷିକୀ ଆନ୍ତର୍ଜାତୀୟ ସମ୍ମିଳନୀରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ଚାଷୀଙ୍କ ସ୍ୱାର୍ଥ ଆମର ପ୍ରମୁଖ ଅଗ୍ରାଧିକାର। ଭାରତ କେବେ ବି ତା'ର ଚାଷୀ, ପଶୁପାଳକ ଓ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ସହ ଆପୋଷ କରିବ ନାହିଁ। ମୁଁ ଜାଣିଛି ଏଥିପାଇଁ ମୋତେ ବ୍ୟକ୍ତିଗତ ଭାବେ ବଡ଼ ମୂଲ୍ୟ ଚୁକାଇବାକୁ ପଡ଼ିବ, କିନ୍ତୁ ମୁଁ ପ୍ରସ୍ତୁତ। ଦେଶର ଚାଷୀ, ମତ୍ସ୍ୟଜୀବୀ ଓ ପଶୁପାଳକଙ୍କ ସ୍ୱାର୍ଥ ପାଇଁ ଭାରତ ପ୍ରସ୍ତୁତ।"

# ଇଉରୋପୀୟ ସଂଘ, ଜାପାନ, ଦକ୍ଷିଣ କୋରିଆ ଉପରେ ପ୍ରଭାବ ପକାଇବ ଟ୍ରମ୍ପ୍‌ଙ୍କ ଟାରିଫ୍ ନୀତି

ୱାଶିଂଟନ: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଅଗଷ୍ଟ ୧ ତାରିଖରୁ କାର୍ଯ୍ୟକାରୀ ନୂଆ ଟାରିଫ୍ ନୀତି ଘୋଷଣା କରିଛି। ଏହା ଇଉରୋପୀୟ ସଂଘ, ଜାପାନ, ଦକ୍ଷିଣ କୋରିଆ ଏବଂ ଅନ୍ୟ ଦେଶରୁ ଆମେରିକାକୁ ରପ୍ତାନୀ ହେଉଥିବା ପଣ୍ୟ ଉପରେ ପ୍ରଭାବ ପକାଇବ। ବର୍ଦ୍ଧିତ ଟାରିଫ ୧୦%ରୁ ୫୦% ମଧ୍ୟରେ ରହିଛି। ଏହା "ଆମେରିକା ଫାର୍ଷ୍ଟ" ନୀତିର ଅଂଶ ଭାବେ ବାଣିଜ୍ୟ ଅସନ୍ତୁଳନ ହ୍ରାସ ଓ ଆମେରିକୀୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଲାଗୁ ହୋଇଛି। ଇଉରୋପୀୟ ସଂଘ(ଇଉ) ଉପରେ ୧୫% ଟାରିଫ ଲାଗୁ ହେବ, ଯାହା ଅଟୋମୋବାଇଲ ଓ ଫାର୍ମାସୁଟିକାଲ ଶିଳ୍ପକୁ ପ୍ରଭାବିତ କରିବ। ଇଉ ୭୫୦ ବିଲିୟନ ଡଲାରର ଆମେରିକୀୟ ଶକ୍ତି କ୍ରୟ ଓ ୬୦୦ ବିଲିୟନ ଡଲାର ନିବେଶ ବୃଦ୍ଧି ପାଇଁ ରାଜି ହୋଇଛି। ଜାପାନ ଉପରେ ୧୫% ଟାରିଫ ଲାଗୁ ହେବ, ଯାହା ପୂର୍ବରୁ ଘୋଷିତ ୨୫%ରୁ କମ ରହିଛି। ଜାପାନ ଆମେରିକାରେ ୫୫୦ ବିଲିୟନ ଡଲାର ନିବେଶ କରିବ। ଦକ୍ଷିଣ କୋରିଆ ଉପରେ ୧୫% ଟାରିଫ ଲାଗୁ ହେବ। ଯେଉଁଠାରେ କୋରିଆ ଆମେରିକାରେ ୩୫୦ ବିଲିୟନ ଡଲାର ନିବେଶ ଓ ୧୦୦ ବିଲିୟନ ଡଲାରର ଶକ୍ତି କ୍ରୟ କରିବାକୁ ରାଜି ହୋଇଛି। ଅନ୍ୟ ଦେଶ ମଧ୍ୟରେ ସୁଇଜରଲ୍ୟାଣ୍ଡ ଉପରେ ୩୯%, କାମ୍ବୋଡିଆ ଓ ମାଲେସିଆ ଉପରେ ୧୯% ଏବଂ ଶ୍ରୀଲଙ୍କା ଉପରେ ୨୦% ଟାରିଫ ଲାଗୁ ହେବ। ଏହି ଟାରିଫ ଆମେରିକୀୟ ଗ୍ରାହକଙ୍କ ପାଇଁ ମୂଲ୍ୟବୃଦ୍ଧିର କାରଣ ହୋଇପାରେ। କାରଣ ଅନେକ ଦେଶ ପ୍ରତିଶୋଧମୂଳକ ଟାରିଫ ଲଗାଇବା ପାଇଁ ଯୋଜନା କରୁଛନ୍ତି, ଯାହା ବାଣିଜ୍ୟ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଚୀନ ଏହାକୁ "ସମସ୍ତଙ୍କ ସ୍ୱାର୍ଥକୁ କ୍ଷତିଗ୍ରସ୍ତ" ବୋଲି କହିବା ସହ ପ୍ରତିଶୋଧ ନେବା ପାଇଁ ଚେତାବନୀ ଦେଇଛି। ଜାପାନର ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ଏହାକୁ "ଦୁଃଖଦାୟକ" କହି ଆଲୋଚନା ଜାରି ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୁଇଜରଲ୍ୟାଣ୍ଡରେ ୩୯% ଟାରିଫ ଫାର୍ମାସୁଟିକାଲ ଶିଳ୍ପକୁ ପ୍ରଭାବିତ କରିବ। ଏହା ପରେ ସୁଇସ ରାଜନେତାମାନେ ୬ ବିଲିୟନ ଫ୍ରାଙ୍କର ଏଫ-୩୫ଏ ଯୁଦ୍ଧବିମାନ ଚୁକ୍ତି ବାତିଲ କରିବାକୁ ଦାବି କରିଛନ୍ତି। ଭାରତ ଉପରେ ଅତିରିକ୍ତ ୨୫% ଟାରିଫ ଲାଗୁ ହେବ, ଯାହା ରୁଷିଆ ସହ ବାଣିଜ୍ୟ ଓ ବ୍ରିକ୍ସ ସଦସ୍ୟତାକୁ ନେଇ ଟ୍ରମ୍ପଙ୍କ ଟିପ୍ପଣି ପରେ ସାମ୍ନାକୁ ଆସିଛି। ଏହା ୪୦ ବିଲିୟନ ଡଲାରର ଟେକ୍ସଟାଇଲ ଓ ଫାର୍ମାସୁଟିକାଲ ରପ୍ତାନୀ ଉପରେ ପ୍ରଭାବ ପକାଇପାରେ।

# କାନାଡାରେ ୫୧ ଫୁଟ୍ ଉଚ୍ଚତାର ପ୍ରଭୁ ଶ୍ରୀରାମଙ୍କ ପ୍ରତିମା ସ୍ଥାପିତ

ନୂଆଦିଲ୍ଲୀ: କାନାଡାର ମିସିସାଗା ସହରରେ ପ୍ରଭୁ ଶ୍ରୀରାମଙ୍କ ୫୧ ଫୁଟ ଉଚ୍ଚ ପ୍ରତିମା ସ୍ଥାପନ କରାଯାଇଛି। ଏହା ଉତ୍ତର ଆମେରିକାର ସବୁଠାରୁ ଉଚ୍ଚ ଶ୍ରୀରାମଙ୍କ ପ୍ରତିମା। ଏହା ହିନ୍ଦୁ ଭକ୍ତଙ୍କ ମଧ୍ୟରେ ବହୁତ ଉତ୍ସାହ ସୃଷ୍ଟି କରିଛି। ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ପ୍ରଭୁ ରାମଙ୍କ ସବୁଠାରୁ ଉଚ୍ଚ ପ୍ରତିମା ଉନ୍ମୋଚନ ହୋଇଛି। ପ୍ରତିମାର ଉଚ୍ଚତା ଭୂମିରୁ ୫୧ ଫୁଟରୁ ଅଧିକ ହୋଇପାରେ। ପ୍ରତିମା ସ୍ଥାପନ ସହିତ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା କାନାଡାର ଏହି ସହର। ଶ୍ରୀରାମଙ୍କ ପ୍ରତିମା ଅଣ୍ଟାରିଓର ହିନ୍ଦୁ ଐତିହ୍ୟ କେନ୍ଦ୍ରରେ ସ୍ଥାପିତ ହୋଇଛି। ଉତ୍ତର ଆମେରିକାରେ ହିନ୍ଦୁମାନଙ୍କର ଧାର୍ମିକ ଏବଂ ସାଂସ୍କୃତିକ ପରିଚୟର ଏକ ନୂତନ ପ୍ରତୀକ ପାଲଟିଛି ପ୍ରଭୁ ଶ୍ରୀରାମଙ୍କ ପ୍ରତିମା। ଶ୍ରୀରାମଙ୍କ ପ୍ରତିମା ସ୍ଥାପନ କାନାଡାରେ ଥିବା ଭାରତୀୟ ପ୍ରବାସୀ ସମ୍ପ୍ରଦାୟ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଅଣ୍ଟାରିଓରେ ମିସିସାଗାରେ ଥିବା ହିନ୍ଦୁ ଐତିହ୍ୟ କେନ୍ଦ୍ରରେ ଏହି ପ୍ରତିମା ଉନ୍ମୋଚିତ ହୋଇଛି। ପ୍ରତିମା ଫାଇବର ଗ୍ଲାସରେ ତିଆରି। ଗ୍ରେଟର ଟୋରଣ୍ଟୋ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ପ୍ରତୀକ ଭାବରେ ପ୍ରତିଷ୍ଠିତ ହୋଇଛି ଶ୍ରୀରାମଙ୍କ ପ୍ରତିମା। ଉଦଘାଟନୀ ଉତ୍ସବରେ ହଜାର ହଜାର ଭକ୍ତ ଯୋଗ ଦେଇଥିଲେ।




କାନାଡା ମନ୍ତ୍ରୀ ରିଚି ଭାଲଡେଜ, ଟ୍ରେଜେରୀ ବୋର୍ଡ ସଭାପତି ଶଫକତ ଅଲ୍ଲି, ଆନ୍ତର୍ଜାତୀୟ ବାଣିଜ୍ୟ ମନ୍ତ୍ରୀ ମନିନ୍ଦର ସିଦ୍ଧୁ ପ୍ରମୁଖ ସାମିଲ ଥିଲେ। ହାଉସ ଅଫ୍ କମନ୍ସରେ ବିରୋଧୀ ଦଳ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ। କାନାଡାରେ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପରେ, ଭକ୍ତମାନେ ପ୍ରଭୁଙ୍କ ଆଶିଷ କାମନା କରିଛନ୍ତି। ଶ୍ରୀରାମଙ୍କ ପ୍ରତିମୂର୍ତ୍ତୀ ସ୍ଥାପନକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ପ୍ରବଳ ଉତ୍ସାହ। ଲୋକେ ଲେଖିଛନ୍ତି, ଏହା କେବଳ ଏକ ପ୍ରତିମୂର୍ତ୍ତି ନୁହେଁ, ଏହା ବିଶ୍ୱାସ ଏବଂ ପରିଚୟର ପ୍ରତୀକ। ଏହି ପ୍ରତିମୂର୍ତ୍ତି କେବଳ ବିଶ୍ୱାସର ପ୍ରତୀକ ନୁହେଁ ବରଂ ଧୈର୍ଯ୍ୟ, ଶାନ୍ତି ଏବଂ ବଞ୍ଚିବାର ପ୍ରତୀକ।

# ବୈଜ୍ଞାନିକଙ୍କ ଭୟଙ୍କର ଆକଳନ, ଓଡ଼ିଶାକୁ ସୁନାମି ଭୟ

ନୂଆଦିଲ୍ଲୀ: ସୁନାମି ବିପଦ ମୁଖ୍ୟତଃ ଭୂମିକମ୍ପ, ସାମୁଦ୍ରିକ ଜ୍ୱାଳାମୁଖୀ କିମ୍ବା ଭୂସ୍ଖଳନ ଦ୍ୱାରା ସୃଷ୍ଟି ହୁଏ। ଋଷିଆରେ ଏକ ବଡ଼ ଭୂମିକମ୍ପ ହେବା ପରେ, ଜାପାନ ଓ ଆମେରିକୀୟ ଏଜେନ୍ସିଗୁଡ଼ିକ ମଧ୍ୟ ସୁନାମି ସତର୍କତା ଜାରି କରିଥିଲେ। ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମିର ବିପଦ ମୁଖ୍ୟତଃ ଭୂମିକମ୍ପ, ସାମୁଦ୍ରିକ ଜ୍ୱାଳାମୁଖୀ କିମ୍ବା ଭୂସ୍ଖଳନ ଭଳି ପ୍ରାକୃତିକ କାରଣ ଯୋଗୁଁ ହୋଇପାରେ। ଜାଣନ୍ତୁ ଭାରତର କେଉଁ ସହରଗୁଡ଼ିକ ସୁନାମିର ଅଧିକ ସମ୍ଭାବନା ରହିଛି।

ବୈଜ୍ଞାନିକଙ୍କ ଅନୁସାରେ ଓଡ଼ିଶା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଯେପରିକି ପୁରୀ, କୋଣାର୍କ, ବାଲେଶ୍ୱର ଏବଂ ଗଞ୍ଜାମ ଜିଲ୍ଲାର କିଛି ଅଞ୍ଚଳ ସୁନାମୀ ପ୍ରଭାବକୁ ଅଧିକ ପ୍ରତିକ୍ରିୟାଶୀଳ ହେବାର ସମ୍ଭାବନା ରହିଛି। ବଙ୍ଗୋପସାଗରରେ ଅବସ୍ଥିତ ପୁରୀ, ଗୁର୍ଣ୍ଣିଝଡ଼ ଓ ସୁନାମି ଭଳି ସାମୁଦ୍ରିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରେ। ତେବେ ସୁନାମୀର ପ୍ରଭାବ କେବଳ ଓଡ଼ିଶା ନୁହେଁ, ଭାରତର ଅନ୍ୟ କିଛି ରାଜ୍ୟ ଓ ସହରକୁ ମଧ୍ୟ ପ୍ରଭାବିତ କରିପାରେ। ନିମ୍ନରେ ୧୫ଟି ସହର ବା ଅଞ୍ଚଳର ଏକ ତାଲିକା ଦିଆଯାଇଛି ଯେଉଁମାନେ ସୁନାମୀ ପ୍ରତି ଅଧିକ ସମ୍ଭାବ୍ୟ, ଯାହା ଭାରତୀୟ ସରକାର ଏବଂ ଇନ୍ଡିଆନ ନ୍ୟାସନାଲ ସେଣ୍ଟର ଫର ଓସିଆନ ଇନଫର୍ମେସନ ସର୍ଭିସେସ (ଓଇଉଓଏସ) ଦ୍ୱାରା ଚିହ୍ନଟ କରାଯାଇଛି। ସୁନାମୀ ପ୍ରଭାବିତ ହେବାରେ ସମ୍ଭାବ୍ୟ ଭାରତୀୟ ସହର ଓ ଅଞ୍ଚଳ ମଧ୍ୟରେ ରହିଛି ଚେନ୍ନାଇ(ତାମିଲନାଡୁ), କନ୍ୟାକୁମାରୀ (ତାମିଲନାଡୁ), କୁଡ୍ଡାଲୋର (ତାମିଲନାଡୁ), ନାଗାପଟ୍ଟିନମ (ତାମିଲନାଡୁ), ତୁତିକୋରିନ (ଥୁଥୁକୁଡ଼ି) (ତାମିଲନାଡୁ), ପୁରୀ (ଓଡ଼ିଶା), ବାଲେଶ୍ୱର(ଓଡ଼ିଶା), ପାରାଦୀପ (ଓଡ଼ିଶା), ଗୋପାଳପୁର (ଓଡ଼ିଶା), ବିଶାଖାପାଟଣାମ (ଆନ୍ଧ୍ରପ୍ରଦେଶ), ମାଚିଲିପଟ୍ଟଣମ (ଆନ୍ଧ୍ରପ୍ରଦେଶ), କୋଲ୍ଲମ (କେରଳ), ତିରୁଭାନନ୍ତପୁରମ (କେରଳ), ପୋର୍ଟ ବ୍ଲେୟାର (ଆଣ୍ଡାମାନ ଓ ନିକୋବାର ଦ୍ୱୀପପୁଞ୍ଜ), କାରିକାଲ (ପୁଡୁଚେରୀ)। ସୁନାମୀ ସାଧାରଣତଃ ସମୁଦ୍ର ତଳେ ଭୂମିକମ୍ପ, ଜ୍ୱାଳାମୁଖୀ ବିସ୍ଫୋରଣ କିମ୍ବା ଭୂସ୍ଖଳନ ଯୋଗୁଁ ସୃଷ୍ଟି ହୁଏ। ୨୦୦୪ ମସିହାରେ ହିନ୍ଦ ମହାସାଗରରେ ହୋଇଥିବା ସୁନାମୀ ଭାରତର ପୂର୍ବ ଓ ଦକ୍ଷିଣ ଉପକୂଳକୁ ବ୍ୟାପକ କ୍ଷତି ପହଞ୍ଚାଇଥିଲା। ଏହି ସୁନାମୀରେ ପ୍ରାୟ ୧୧,୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା ଏବଂ ଲକ୍ଷାଧିକ ଲୋକ ଗୃହହୀନ ହୋଇଥିଲେ। ତାମିଲନାଡୁ, ପୁଡୁଚେରୀ, କେରଳ, ଆନ୍ଧ୍ରପ୍ରଦେଶ ଏବଂ ଆଣ୍ଡାମାନ ଓ ନିକୋବାର ଦ୍ୱୀପପୁଞ୍ଜ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା।

# ମାନହାନି ମାମଲାରେ ରାହୁଲଙ୍କୁ ମିଳିଲା ଆଶ୍ୱସ୍ତି

ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ମାନହାନି ମାମଲାରେ ଜାମିନ ମିଳିଛି। ଝାଡ଼ଖଣ୍ଡର ଚାଇବାସା ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ରାହୁଲ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉପରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ, ଯାହା ପରେ ବିଜେପି ନେତା ପ୍ରତାପ କଟିହାର ମାନହାନି ମାମଲା ଦାୟର କରିଥିଲେ। ଏହି ସମ୍ପୂର୍ଣ୍ଣ ବିବାଦ ୨୦୧୮ର। କଂଗ୍ରେସ ଅଧିବେଶନ ସମୟରେ ରାହୁଲ ଏକ ବୟାନ ଦେଇଥିଲେ।

ରାହୁଲ କୋର୍ଟରେ ହାଜର ହୋଇଥିଲେ। ରିପୋର୍ଟ ଅନୁଯାୟୀ, କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଓକିଲ କହିଛନ୍ତି, ଝାଡ଼ଖଣ୍ଡ ହାଇକୋର୍ଟର ନିର୍ଦ୍ଦେଶ ଅନୁଯାୟୀ ରାହୁଲ ଗାନ୍ଧୀ କୋର୍ଟରେ ହାଜର ହୋଇଥିଲେ। ସେ ଜାମିନ ପାଇଁ ଅନୁରୋଧ କରିଥିଲେ ଯାହା ମଞ୍ଜୁର କରାଯାଇଥିଲା। ଏବେ ଆମେ ପ୍ରକ୍ରିୟାକୁ ଆଗକୁ ବଢ଼ାଇବୁ। ପ୍ରକୃତରେ, ରାହୁଲ ୨୮ ମାର୍ଚ୍ଚ ୨୦୧୮ରେ କଂଗ୍ରେସ ଅଧିବେଶନ ସମୟରେ ତତ୍କାଳୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ଉପରେ ଏକ ବିବାଦୀୟ ବୟାନ ଦେଇଥିଲେ। ଏହା ପରେ, ୯ ଜୁଲାଇ ୨୦୧୮ରେ ପ୍ରତାପ କଟିହାର ଚାଇବାସା କୋର୍ଟରେ ମାନହାନି ମାମଲା ଦାୟର କରିଥିଲେ। ଏହି ମାମଲାରେ ରାହୁଲଙ୍କୁ ଅନେକ ଥର ସମନ କରାଯାଇଥିଲା, କିନ୍ତୁ ସେ ହାଜର ହୋଇନଥିଲେ। ତଥାପି ସେ ହାଜର ହୋଇଥିଲେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାମଲାକୁ ପ୍ରଥମେ ଚାଇବାସା ସିଜେଏମ କୋର୍ଟରୁ ରାଞ୍ଚି ଏମ୍ପି-ଏମଏଲଏ ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା, କିନ୍ତୁ ଏହା ପରେ ଏହା ଚାଇବାସା ଏମ୍ପି-ଏମଏଲଏ କୋର୍ଟକୁ ଆସିଥିଲା।

## କାର୍ଗିଲ

ଶତ ଶତ ଯୋଦ୍ଧା ନିହତ ଆହତ
ରକ୍ତନଦୀ ଥିଲା ବହି
ଛାତି ଥରି ଉଠେ ସେଦିନ ସ୍ମୃତିରେ
ଭ୍ରାତାର ହିଂସାକୁ ସହି ॥
ଭାରତର ମୁଣ୍ଡ ଜାମ୍ମୁ ଓ କାଶ୍ମୀର
ଛେଦିବାକୁ ଷଡ଼ଯନ୍ତ୍ର
ଅହରହ ପାଞ୍ଚେ ପାକିସ୍ତାନୀ ଭାଇ
ଜପି କୁଟ ନୀତି ମନ୍ତ୍ର ॥
ସହି ସହି ଧୈର୍ଯ୍ୟ ଲଘିଂଗଲା ସୀମା
ଷଡ଼ରିପୁ ଜାଗିଗଲା
ଅଟଳ ମତିରେ କାର୍ଗିଲ୍ ବିଜୟ
ଭାରତର ହୋଇଥିଲା ॥
ଦେଶ ପାଇଁ ପ୍ରାଣ ହାରିଦେଲେ ବୀର
ନିଜ ସ୍ୱାର୍ଥ ଭୁଲିଯାଇ
ମାତା,ପିତା,ଜାୟା,ଭଗିନୀ ଭ୍ରାତାକୁ
ଯାଇଥିଲେ ଛାଡ଼ିଦେଇ ॥
ପ୍ରଣାମ ଜଣାଇ ବୀର ଯବାନଙ୍କୁ
କାର୍ଗିଲ୍ ବିଜୟ ପାଲୁ
ତାଙ୍କ ପାଇଁ ଆମ୍ଭେ ମନ ଆନନ୍ଦରେ
ସୁଖେ ଦିବା ନିଶି ଚଲୁ ॥
ବିଜୟ ଦିବସେ ଶପଥ ନେବାରେ
ଜନ ମନ ଗୀତ ଗାଇ
ଲଢୁଛେ ଲଢ଼ିବା ପ୍ରାଣ ଥିବାଯାଏ
ଭାରତ ମାତାର ପାଇଁ ॥

**ନିକୁଞ୍ଜ କୁମାର ଘୋଷ**
ମାଧବପୁର, ବାଲେଶ୍ୱର

## ଦମ୍ଭ

ଦମ୍ଭ ଥିବା ଯାଏ
ଜଣେ ବେପରୱା ବାଦଶାହ
ସରଗକୁ ଶିଢ଼ି ବାନ୍ଧିବାର
କଳ୍ପନାରେ ଅହୋରାତ୍ର
ମସଗୁଲ ଦମ୍ଭ ଭାଜିଗଲେ
ରକ୍ତନଦୀ କୂଳେ ଅଲିଅଳ
କୁମରର ଶବକୁ ତକେଇଥିବା
ମଣିହରା ଫଣୀ ପରି
ସେ ପାଲଟେ
ନିଃସହାୟ ଦୁର୍ଯ୍ୟୋଧନ।
ଦମ୍ଭ ଭାଜିଗଲେ
ନିଃସଙ୍ଗତାର ନିଳୟ
ଭିତରେ
ସଦ୍ୟ ଜଳୁ ବାହାରିଥିବା
ମୀନଟେ ପରି
ମଣିଷ ହେଉଥାଏ ଛଟପଟ
ନିଜ ସହ ଚାଲିଥାଏ
ନିଜର ଆଳାପ
ସ୍ପର୍ଦ୍ଧିତ ଠାଣିର ସୁଉଚ୍ଚ ସୌଧ
ହୋଇସାରିଥାଏ ଭୂଲୁଣ୍ଠିତ।
ସମୟର ଶିଢ଼ିରେ
ଦିନେ ନା ଦିନେ
ଦମ୍ଭ ଖସେ ମଣିଷର
ମାତାଲ ମନରୁ
ସେତେବେଳକୁ ହୁଏତ
ନେଡ଼ି ଗୁଡ଼ ବୋହିସାରିଥାଏ
କହୁଣିକି
ଲେଖାସରିଥାଏ ଶେଷ
ଅଧ୍ୟାୟର ଶୋକଗୀତି।

**ଗୋପୀନାଥ ଦାଶ**
ବ୍ରାହ୍ମଣକୁଶଡିହ, ଖୋର୍ଦ୍ଧା



# ଜୋଇଁପୁଅ

**ରବୀନ୍ଦ୍ର କୁମାର ପ୍ରଧାନ**

ତୁମେ ଟିକେ ଶୀଘ୍ର ବାହାରିପଡ଼। ଆଖ ଥାନାକୁ ଯିବା'। ପତ୍ନୀ ସୁପ୍ରିୟାର କଥା ଶୁଣି ଆଶ୍ଚର୍ଯ୍ୟ ହେଲେ ବୀରେନ୍ଦ୍ର। ଦୀର୍ଘ ଗୋଟିଏ ରାତିର ବସଯାତ୍ରା ପରେ ଘରେ ପାଦ ଥାପିଛି ସକାଳୁ ସକାଳୁ ସେ। ଖୁବ୍ କ୍ଳାନ୍ତ ଅନୁଭବ କରୁଥିଲେ। ନିଜ ଜନ୍ମସ୍ଥାନ ଗାଁ ଛଅ ଶହ କି.ମି ଦୂରରେ। ଅସୁସ୍ଥ ବାପାଙ୍କୁ ଦେଖିବାକୁ ଯାଇଥିଲେ।

ଆରେ, ପ୍ରଥମେ କଥାଟା କ'ଣ ତ' କୁହ! କାହିଁକି ଥାନାକୁ ଯିବା। ଆମର କିଛି ଚୋରି ହୋଇଛି ନା, କଲୋନୀରେ କାହାର କିଛି ଗଣ୍ଡଗୋଳ ହୋଇଛି। ବୀରେନ୍ଦ୍ରର ଜିଜ୍ଞାସା।

ନା, ସେ ସବୁ କିଛି ନୁହେଁ କହିଲା ସୁପ୍ରିୟା। ଆମ କଲୋନୀ ସେପଟ ବସ୍ତି ପାଖ ଜଙ୍ଗଲିଆ ଯାଗା ନାଳ କଡ଼ରେ କିଏ ଗୋଟେ ସଦ୍ୟ ଜନିତ ପୁଅ ଛୁଆଟେ ଥୋଇ ଦେଇ ଯାଇଥିଲା। ହୋ ହାଲ୍ଲା ହେଲା ପରେ ଥାନାବାଲି ଆସି ଛୁଆଟାକୁ ନେଇ ଯାଇଛନ୍ତି। ଚାଲ ଆମେ ନେଇ ଆସିବା।

ଓଃ କଥା ତା ହେଲେ ଏଠି। ବହୁତ ଭଲ କଥା। କହିଲେ ବୀରେନ୍ଦ୍ର।

ବିବାହର ପାଞ୍ଚ ବର୍ଷ ପରେ ମଧ ବୀରେନ୍ଦ୍ର ଥିଲେ ନିଃସନ୍ତାନ। ଡାକ୍ତରଖାନା ଦଉଡ଼ି ଦଉଡ଼ି ନିରାଶ ହେଲା ପରେ କେତେ ଦିଅଁ ଦେବତା ପୂଜା ସାଙ୍ଗକୁ ଓଷାବ୍ରତ କଲାଣି ସୁପ୍ରିୟା। ହେଲେ ସବୁ ନିଷ୍ଫଳ। ଡାକ୍ତର ରିପୋର୍ଟ ଅନୁସାରେ ତା'ଜରାୟୁର କ'ଣ ଗୋଟେ ଦୋଷ ଅଛି, ଯାହା ଫଳରେ ତାର ଗର୍ଭ ସଞ୍ଚାର ହୋଇପାରିବ ନାହିଁ। ସହି ହେଉନଥିବା କଥାଠାରୁ କହି ହେଉ ନଥିବା କଥା ବେଶୀ କଷ୍ଟ ଦିଏ। ନାରୀ ଜନ୍ମ ସାର୍ଥକ ହୁଏ ମାତୃତ୍ୱ ଲାଭରେ। ନିଜେ ପଛକେ ଜନ୍ମ କରିପାରିଲା ନାହିଁ ଲାଳନ ପାଳନ କଲେ ବି ତ'ମାଆ ହୋଇପାରିବ ନା! ଦେବକୀ ବଦଳରେ ଯଶୋଦା ଢ଼େର ସମ୍ମାନର ଅଧିକାରିଣୀ।

ଗାଁରେ ଶିକ୍ଷା ସମାପ୍ତ କରି ରାଜଧାନୀରେ ଚାକିରି ପାଇଲେ ବୀରେନ୍ଦ୍ର। ଚଲାବାଟରେ କାହାକୁ ନେଇ ସଂସାର କରିବା ପାଇଁ କଳ୍ପନା କରିଥିଲେ ମଧ, ବାପା, ମା'ଙ୍କ କଥାରେ ସମ୍ମତି ଜଣାଇ ପ୍ରାୟୋଜିତ ବିବାହ କରିଥିଲେ ସେ। ସଂସାର ଅଟକି ଥିଲା ସେ ଦୁଇପ୍ରାଣୀରେ। ନୂଆ ଅତିଥିର ବାଟ ଚାହିଁ ଚାହିଁ ନିରାଶ ହେଲେ ବି ଦ୍ୱିତୀୟ ବିବାହ କଥା କେବେ ବି ମୁଣ୍ଡକୁ ନେଇ ନାହାନ୍ତି ସେ। ଅପ୍ରକାଶିତ ସମସ୍ୟା ଘେରରେ କାଗଜପତ୍ର କାମ କରି କୌଣସି ଅନାଥାଶ୍ରମରୁ ପିଲାଟିଏ ଆଣିବା ଅପେକ୍ଷା ଅପନ୍ତରାରୁ ଏମିତି ସଦ୍ୟ ଜନ୍ମିତ ଅବାଞ୍ଛିତ ପିଲାଟିଏ ସାଉଁଟି ଆଣିବାକୁ ଅଧିକ ପସନ୍ଦ କରୁଥିଲେ ସେ। କେବଳ ସୁଯୋଗକୁ ଅପେକ୍ଷା କରିଥିଲେ। ଅଳ୍ପ ସମୟ ମଧ୍ୟରେ ସ୍ନାନାଦି କର୍ମ ସାରି ବାହାରି ପଡ଼ିଲେ। ସୁପ୍ରିୟା ଯିବାକୁ ବାଧ କରନ୍ତେ ସେ କହିଲେ, ଥାନା ଭୂତ ଖାନା, ସେଠାକୁ ସ୍ତ୍ରୀ ଲୋକ ଯିବା ଅଶୋଭନୀୟ ମୁଁ ଏକା ଯିବି। ସାଇକେଲରେ ଯାଉ ଯାଉ କେତେ କଥା ଭାବିଗଲେ ସେ। ବହୁତ ଭଲ ହୁଅନ୍ତା, ପୁଅ ଛୁଆଟେ। ଏକାବେଳକେ ସବୁ ସମାଧାନ। ନିଃସନ୍ତାନ ହେବା ସାମାଜିକ ଅପନିନ୍ଦାରୁ ରକ୍ଷା। କୁଳ ବଂଶ ରକ୍ଷା। ପୁତ୍ ନାମକ ନରକରୁ ଉଦ୍ଧାର। ବିଶେଷ କରି ସବୁ ସ୍ତ୍ରୀଲୋକଙ୍କ ଭଳି ସୁପ୍ରିୟାର ପୁଅଟିଏ ଲୋଡାରୁ ମୁକ୍ତି। ଇତି ମଧ୍ୟରେ ଥାନାରେ ପହଞ୍ଚିଗଲେ ସେ। କର୍ତ୍ତବ୍ୟରତ ହାବିଲଦାରକୁ କହିଲେ- ଆଜ୍ଞା, ସେ ପୁଅଛୁଆଟା...।

ହାଁ ପ୍ରେମିକ କଲାବେଳକୁ ମଜା ଲାଗୁଥିଲା। ବାହା ନ ହେଇକି ଦେହ ସୁଖରେ ମାତିଗଲି। ଫଳ ବାହାରିଲା ବେଳକୁ କିଆ ବୁଦାମୂଳେ ଫୋପାଡ଼ି ଦେଲା କୁଆଁରୀ ମାଆ। ଏବେ କ'ଣ ମନ ସମ୍ଭଳା ହେଲାନି ପ୍ରିୟତମାର। ଅନାଥାଶ୍ରମରେ ରଖି ମଝିରେ ମଝିରେ ଦେଖି ଆସିବାକୁ ମନ କରି ଚାଲି ଆସିଲ।

ବୀରେନ୍ଦ୍ର ନିଜ ପରିଚୟ ଦେଇ କହିଲେ, ମୁଁ ବିବାହିତ। ଆମର ପିଲାପିଲି ହେଉନି। ଡାକ୍ତର ନାସ୍ତିବାଣୀ ଶୁଣାଇ ସାରିଛନ୍ତି। ତେଣୁ ସେ ପିଲାଟାକୁ ପୋଷ୍ୟ ସନ୍ତାନ କରି ରଖିଥାନ୍ତୁ।

ହାବିଲଦାର କହିଲା- ତମେ ଡେରି କରିଦେଲ ହେ ବାବୁ। ତମରି ଭଳିଆ ଆଉ ଜଣେ ଛୁଆପିଲା ନଥିବା ଲୋକ ଆସି ନେଇଗଲା। ତା'ଛଡ଼। ସେ ଛୁଆଟା ତ ରାଜା ଘର ଛୁଆ ଭଳିଆ ଦେଖାଯାଉଥିଲା। ସତେ ତ ବାଳମୁକୁନ୍ଦ। ଯିଏ ଦେଖିବ ସିଏ ଲୋଭ କରିବ। ବୁଢ଼ୀଟି ପାଟି କରିବ ବୋଲି ସିନା, ନ ହେଲେ ମୋର ଚାରିଟା ଛୁଆ ଥିଲେ କ'ଣ ହେଲା, ମୁଁ ନେଇ ଯାଇଥାନ୍ତି। କ'ଣ କହିବି ବାବୁ, ଆଜିକାଲି ଏ ଟୋକା ଟୋକୀଗୁଡ଼ିକ ଯୋଉ ଉତ୍ପାତ କରୁଛନ୍ତି ନା, ଛାଡ଼ ଛାଡ଼ ଅବିବାହିତ ପାପ କାମ କରୁଛ କାହିଁକି ? ପିଲା ହେଲା ବେଳକୁ କିଆବୁଦା କଡ଼ ନ ହେଲେ ମ୍ୟୁନିସିପାଲିଟି ଡଷ୍ଟବିନ୍‌ରେ ଫୋପାଡୁଛ କାହିଁକି ? ହଇଓ ଏ ପାଲା କରୁଛ କାହିଁକି, ନିଷ୍ପାପ ଶିଶୁକୁ ଅନାଥ କରୁଛ ! ବାପା ମାଆଙ୍କୁ କହି ବାହା ହୋଇପଡୁନ।

ହାବିଲଦାର କଥାଗୁଡ଼ା, ତାଙ୍କୁ ଆଉ ଭଲ ଲାଗୁନଥିଲା। ନିରାଶ ହୋଇ ଘରକୁ ଫେରିଲେ। ଭାବୁଥିଲେ କ'ଣ କହି ସୁପ୍ରିୟାର ଭଙ୍ଗାମନକୁ ବୁଝାଇବେ। ଖାଲି ହାତରେ ତାଙ୍କୁ ଦେଖି ସୁପ୍ରିୟା କଇଁ କଇଁ କାନ୍ଦି ଉଠିଲା। ହେ ଭଗବାନ, ରାସ୍ତା କଡ଼ର ଛୁଆଟେ ମଧ ମୋ ଭାଗ୍ୟରେ ରଖିଲୁ ନାହିଁ।

ନିଜ ମନର ବେଦନାକୁ ଚାପି ରଖି ବୀରେନ୍ଦ୍ର ସ୍ତ୍ରୀକୁ ବହୁତ ବୁଝାସୁଝା କରି ଅଫିସକୁ ପଳାଇଲେ। ସ୍ୱପ୍ନର ସଦ୍ୟ ତାଜମହଲଟିଏ ଗଢ଼ିଥିବା ସୁପ୍ରିୟାର ମନଟା ବାଲିବନ୍ଧ ପରି ଧୋଇଗଲା। କେତେ କଣ ଭାବି ଯାଇଥିଲା ସେ। ନାନାବାୟା ଗୀତ ଗାଇ ଛୁଆ ଶୁଆଇ ଥାଆନ୍ତା ସେ। ମା' ହେବାର ଗୌରବରେ ମହିମା ମଣ୍ଡିତ ହୋଇଥାନ୍ତା। ପରିପୂର୍ଣ୍ଣ ହୋଇ ପରିତୃପ୍ତି ଲାଭ କରିଥାନ୍ତା। ବୀରେନ୍ଦ୍ର ଅଫିସ ଯିବା ପରେ ଖାଲି ଖାଲି ସମୟଟା ଛୁଆଟି ସହିତ କଟାଇଥାନ୍ତା।

ସେଦିନ ତାଙ୍କର ଉପାସରେ କଟିଗଲା।

ରାତ୍ରକୁ କିଛି ଜଳଖିଆ ଖାଇ ଦୁହେଁ ବିଛଣାକୁ ଗଲେ। କାହାକୁ ନିଦ ହେଉନଥାଏ। ଅସମର୍ଥ, ଅସମ୍ଭବ କଥାଟା ବୀରେନ୍ଦ୍ରକୁ କଷ୍ଟ ଦେଉଥାନ୍ତି। ନିଜର ଅସ୍ତିତ୍ୱ ଜାହିର କରିବାକୁ ତାଙ୍କର ଥିଲା ଅଦମ୍ୟ ଅଭିଳାଷ। ନିଜର ସ୍ୱାକ୍ଷର ପଛକେ ନ ହେଉ, ଅନ୍ୟର ହସ୍ତାକ୍ଷରଟିକୁ ସାଇତି ରଖିଦେଇଗଲେ, ସେ ମଧ ସନ୍ତକ ହୋଇ ରହିବ। ପାଠ ଗାର ରକ୍ଷକର। ନିଜର ମନୋଭାବକୁ ଲୁଚାଇ ଲୁହପୋଛି ଦେଲେ ସେ ସହଧର୍ମିଣୀର। ଛାତିକୁ ଆଉଜାଇ ଆଣି କହିଲେ, ଦେଖ, ସୁଯୋଗ ପୁଣି ଆସିବ। ଆମେ ନିଶ୍ଚୟ ପିଲାଟିଏ ପାଇବା। ଭଗବାନ ହେ କୃପାମୟ, ତାଙ୍କ ଉପରେ ଭରସା ରଖ।

ଏଇମିତି ତିନି ବର୍ଷ ବିତିଗଲା। ସେମିତି ସୁଯୋଗ ଆସିଲା ନାହିଁ। ଦିନେ ସକାଳେ ସୁପ୍ରିୟା ପାଟି କରି ଉଠିଲା। ହେଇଟି ଉଠିଲ ଦେଖିବ। ବୀରେନ୍ଦ୍ରକୁ ଲାଗିଲା ପିଲାଖବର ପାଇବା ଦିନ ଯେଉଁଭଳି ଉନ୍ମାଦିନୀ ଭଳି ଚିତ୍କାର କରିଥିଲା, ଆଜି ସେ ଭଳି ଉତ୍ସାହ ନେଇ କଥା କହୁଛି। ବୀରେନ୍ଦ୍ର ନିଦ ମଳମଳ ଆଖିରେ କହିଲେ କ'ଣ କିଛିଛୁଆ ଖବର କି ! ନାଇଁ ମ, ପେପରରେ ଗୋଟେ ଭଲ ଖବର ବାହାରିଛି। ଓଃ, ଟିକେ ଶୋଇବାକୁ ଦିଅ। ଜାଣୁଛ ତ, ମୁଁ ଡେରି ରାତି ଫେରିଛି। ମାର୍ଚ୍ଚ ମାସ। ରାତି ଅଧଯାଏଁ କାମ ଚାଲୁଛି। ବୀରେନ୍ଦ୍ରର ନ ଉଠିବା ଦେଖି, ଖବରକାଗଜଟିକୁ ତା' ମୁହଁ ପାଖକୁ ନେଇ ଆସିଲା। ରୁମ୍ ଲାଇଟ ଲଗାଇ ପଢ଼େଇ ଦେଲା।

ବୀରେନ୍ଦ୍ର ଦେଖିଲେ ଗୋଟେ ବିଜ୍ଞାପନ। ନିଃସନ୍ତାନ ମାନଙ୍କ ପାଇଁ ଶୁଭ ଖବର। ନୂଆ କରି ଖୋଲି ଥିବା 'ସୁଫଳା' ଡାକ୍ତରଖାନାକୁ ପତିପତ୍ନୀ ପରାମର୍ଶ ପାଇଁ ଆସନ୍ତୁ। ହାଇଦ୍ରାବାଦରୁ ଆସୁଥିବା ଡାକ୍ତର ସୁବାରାଓଙ୍କ ସହ ସାକ୍ଷାତ କରନ୍ତୁ। ସଫଳତା ନିଶ୍ଚୟ ପାଇବେ। ନଚେତ୍ ପଇସା ଫେରସ୍ତ।

କଥାରେ ଅଛି, ବୁଡ଼ି ଯାଉଥିବା ଲୋକର କୁଟାଖିଅଟିକୁ ଆଶ୍ରା। ନିର୍ଦ୍ଦିଷ୍ଟ ଦିନର ସଂଧ୍ୟାରେ ସ୍ୱାମୀ ସ୍ତ୍ରୀ ଦୁହେଁ ବାହାରିଗଲେ ସେ 'ସୁଫଳା' ଡାକ୍ତରଖାନାକୁ। ଚିକିତ୍ସା ଆରମ୍ଭ ହେଲା। ଈଶ୍ୱରଙ୍କ ଦୟା ହେଲେ ଅସମ୍ଭବ ବି ସମ୍ଭବ ହୁଏ। କିଛି ଦିନର ଚିକିତ୍ସା ପରେ ଡାକ୍ତର ପରୀକ୍ଷା କରି ଘୋଷଣା କଲେ ସୁପ୍ରିୟା ଗର୍ଭବତୀ। ଯଥା ସମୟରେ କନ୍ୟା ସନ୍ତାନଟିର ଜନନୀ ହେଲେ ସେ। ଆନନ୍ଦ ଉଲ୍ଲାସ ଖେଳିଗଲା ଦୁଇ ପରିବାର ମଧ୍ୟରେ। କୃତଜ୍ଞତାର ଅଶ୍ରୁ ଢ଼ାଳିଦେଇ ଈଶ୍ୱରଙ୍କ ଶ୍ରୀଚରଣରେ। ଧନ୍ୟଧନ୍ୟ କଲେ ସେ 'ସୁଫଳା' ଡାକ୍ତରଖାନାକୁ। ଝିଅର ନାମକରଣ ଉତ୍ସବ ମହା ଜାକଜକମରେ ପାଳନ କରାଗଲା। ନାମ ହେଲା 'ଅପର୍ଣ୍ଣା'।

ଅପର୍ଣ୍ଣା ବଡ଼ ହେଲା। ପ୍ରାଥମିକ ଶିକ୍ଷା , ମାଧ୍ୟମିକ ଶିକ୍ଷା ପରେ କଲେଜ। ମେଧାବୀ ଛାତ୍ରୀ ଥିଲା ସେ। ମଧୁର କଣ୍ଠରେ ଗୀତ ଗାଉଥିଲା ମଧ। ସେହି ହେତୁ ସବୁଠାରେ ଖୁବ୍ ଶୀଘ୍ର ପରିଚିତ ହୋଇଯାଉଥିଲା। କଲେଜ ଶିକ୍ଷା ପରେ ରାଜଧାନୀରେ ଥିବା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲା ସେ।

ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବରେ ତା'ର ସଂସ୍ପର୍ଶରେ ଆସିଲା ଜଣେ ସୌମ୍ୟକାନ୍ତ ଯୁବକ। ଏମ୍‌ଫିଲର ଛାତ୍ର। ନାଁ ଅର୍ପଣ। ଚାରି ଚକ୍ଷୁ ମିଳନରେ ମନ ମିଳନର ଅୟମାରମ୍ଭ ହେଲା।

ଦିନେ ଅର୍ପଣ ସୁଯୋଗ ଉଣ୍ଡି କହିଲା, 'ପ୍ରେମ ନାଁରେ ଟାଇମ ପାସ୍ କରିବା ଭଳି ଉଗ୍ର ଆଧୁନିକତାର ଉଦ୍ଦୀପନା ସପକ୍ଷରେ ମୁଁ ନୁହେଁ। କେବଳ ତୁମର ଠିକଣା ଦିଅ। ମୋ ବାପା ବୋଉ ତୁମ ବାପା ବୋଉଙ୍କ ସହ କଥା ହେବେ।' ଏଭଳି କଥାରେ ଅପର୍ଣ୍ଣାର କିଛି ଆପତ୍ତି ନଥିଲା। ନିଃସଙ୍କୋଚରେ ନିଜର ଠିକଣା ବତାଇଥିଲା।

ଦିନେ ଅର୍ପଣର ବାପା ବୋଉ, ଅପର୍ଣ୍ଣା ଘରେ ପହଞ୍ଚିଥିଲେ। ସେମାନେ ଥିଲେ ଶିକ୍ଷିତ, ସମ୍ଭ୍ରାନ୍ତ ଓ ସ୍ପଷ୍ଟବାଦୀ। କଥା ପ୍ରସଙ୍ଗରେ କହିଲେ ଯେ କେମିତି ପଚିଶି ବର୍ଷ ତଳେ ଏଇ ନିକଟ ବସ୍ତିରୁ ଉଦ୍ଧାର ହୋଇଥିବା ଅର୍ପଣକୁ ପାଇଥିଲେ। କଥାଟା ଶୁଣି ବୀରେନ୍ଦ୍ର ଓ ସୁପ୍ରିୟାଙ୍କ ଆଖି ସଜଳ ହୋଇ ଉଠିଲା, ଅସ୍ପଷ୍ଟ ଶବ୍ଦରେ ଦୁହେଁ କହିଉଠିଲେ ଆରେ ଧନ, ତୁ ଆମ ପାଖକୁ ଫେରି ଆସିଲୁ 'ଜୋଇଁପୁଅ' ହୋଇ।

***ଭୁବନେଶ୍ୱର, ଖୋର୍ଦ୍ଧା***

# ଫ୍ୟାଶନରେ ଟ୍ରାଇ କଲର୍



**ସ୍ୱାଧୀନତା ଦିବସ ଅବସରରେ ଟିକେ ଭିନ୍ନ ଦେଖାଯିବାକୁ କିଏ କେତେ ଉପାୟ ଆପଣାଇଥାନ୍ତି। କିଏ ଟ୍ରାଇ କଲର୍ ଆଉଟ୍‌ଫିଟ୍ ପିନ୍ଧନ୍ତି ତ କିଏ ଟ୍ରାଇ କଲର୍ ଆସେସରିଜରେ ନିଜକୁ ସଜାଇବାକୁ ପସନ୍ଦ କରିଥାନ୍ତି। ତଥାପି ବି ବେଳେବେଳେ କିଛି ନା କିଛି ଭୁଲ୍ ଭଟକା ରହିଯିବାରୁ ଲୁକ୍ ଫିକା ଫିକା ଲାଗେ। ତେଣୁ ଏହି କଥାକୁ ଧ୍ୟାନରେ ରଖି ଏଠାରେ ସେମିତି କିଛି ଫ୍ୟାଶନ ଟିପ୍ସ ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହାକୁ ଉପଯୋଗ କରି ଅତି ସହଜରେ ସୁନ୍ଦର ଟ୍ରାଇ କଲର୍ ଲୁକ୍ ପାଇହେବ...**



**ଟ୍ରାଇ କଲର୍ ଆଉଟ୍‌ଫିଟ୍:** ଏବେ ଟ୍ରାଇକଲର୍ ଥିମ୍‌ବାଲା ଭିନ୍ନ ଭିନ୍ନ ଫ୍ୟାବ୍ରିକ୍‌ର ଶାଢ଼ି ମାର୍କେଟ୍‌ରେ ମିଳିଲାଣି। ଯୁବତୀମାନେ ଚାହିଁଲେ ନିଜ ପସନ୍ଦ ମୁତାବକ ଯେ କୌଣସି ଫ୍ୟାବ୍ରିକ୍‌ର ଟ୍ରାଇ କଲର୍ ଶାଢ଼ି ପିନ୍ଧି ଏହିଦିନ ଦେଶୀ ଲୁକ୍ ପାଇପାରିବେ। ନଚେତ୍ ଧଳା ରଙ୍ଗର ଶାଢ଼ି ସହ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ବ୍ଲାଉଜ୍‌କୁ ମ୍ୟାଚିଂ କରି ଏହି ଅବସରରେ ପିନ୍ଧିପାରିବେ। ସେହିପରି ଧଳା ରଙ୍ଗର ସାଲୱାର୍ ପିନ୍ଧି ଯୁବତୀମାନେ ତା'ଉପରେ ଟ୍ରାଇ କଲର୍ ଥିମ୍ ବାଲା ଦୁପଟ୍ଟା ପକାଇ ବି ଆରାମରେ ଟ୍ରାଇ କଲର୍ ଲୁକ୍ ପାଇପାରିବେ। ଏପରିକି କେବଳ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ଦୁପଟ୍ଟା ବା ଚୁନି ପକାଇ ମଧ୍ୟ ଆଟ୍ରାକ୍ଟିଭ୍ ଦେଶୀ ଲୁକ୍ ପାଇପାରିବେ।

**ଟ୍ରାଇ କଲର୍ ଆସେସରିଜ୍**

ଟ୍ରାଇ କଲର୍ ଶାଢ଼ି ହେଉ ଅବା ସାଲୱାର ଶୁଟ୍ ଏହି ଦିନ ଯୁବତୀମାନେ ଯାହାବି ପିନ୍ଧନ୍ତୁ, ଯଦି ତା'ସହିତ ମ୍ୟାଚିଂ ଚୁଡ଼ି, ଇୟର ରିଂ, ବିନ୍ଦିକୁ ସେମାନେ ଟ୍ରାଏ କରିଥାନ୍ତି, ତା'ହେଲେ ଲୁକ୍ ଖୁବ୍ ଗର୍ଜିୟସ୍ ଲାଗିବ।

*** ଟ୍ରାଇ କଲର୍ ଇୟର୍ ରିଂ:-** ଏହାର ମଧ୍ୟ ଅନେକ ଭେରାଇଟି ରହିଛି। ଯଥା: ଟ୍ରାଇ କଲର ପମ୍ ପମ୍ ଇୟର ରିଂ, ଟ୍ରାଇ କଲର୍ ଟାସେଲ୍ ଇୟର ରିଂ, ଟ୍ରାଇ କଲର ଝୁମ୍‌କା, ଟ୍ରାଇ କଲର ଷ୍ଟଡ୍ ଇୟର ରିଂ, ଟ୍ରାଇ କଲର ଲିଫ୍ ଇୟର ରିଂ, ଟ୍ରାଇ କଲର ବିଡ୍ସ ଇୟର୍ ରିଂ ଇତ୍ୟାଦି ଅନ୍ୟତମ।

*** ଟ୍ରାଇ କଲର୍ ଚୁଡ଼ି :-** ଏହା ବି ବିଭିନ୍ନ ଷ୍ଟାଇଲ୍‌ରେ ମିଳିଥାଏ। ଯଥା: ଟ୍ରାଇ କଲର୍ ପାଣି ଚୁଡ଼ି, ଟ୍ରାଇ କଲର୍ ମେଟାଲ୍ ଚୁଡ଼ି, ଟ୍ରାଇ କଲର୍ ଷ୍ଟୋନ ଲାଗିଥିବା କିମ୍ବା ସୂତା କାମ ହୋଇଥିବା ଷ୍ଟାଇଲିଶ୍ ଚୁଡ଼ି ପିନ୍ଧି ବି ଏହି ଦିନ ଯୁବତୀମାନେ ଟ୍ରେଣ୍ଡି ଲାଗିପାରିବେ।

**ଟ୍ରାଇ କଲର୍ ନେଲ୍‌ଆର୍ଟ:** – ସ୍ୱାଧୀନତା ଦିବସକୁ ଲକ୍ଷ୍ୟ କରି ଯୁବତୀମାନେ ନଖରେ ଟ୍ରାଇ କଲର୍ ନେଲ୍‌ଆର୍ଟ ବି କରିପାରିବେ। ଖାସ୍ କରି ଷ୍ଟ୍ରାଇପ୍, ଭର୍ଟିକାଲ୍, ହରାଇଜଣ୍ଟାଲ୍, ଫ୍ଲୋରାଲ୍, ଡଟେଡ୍, ନେଚର୍ ଥିମ୍‌ବାଲା ଟ୍ରାଇ କଲର୍ ନେଲ୍ ଆର୍ଟ ଏହିଦିନ ଯୁବତୀଙ୍କୁ ଭିନ୍ନ ଲୁକ୍ ଦେଇଥାଏ।

**ଟ୍ରାଇ କଲର୍ ମେକ୍‌ଅପ୍:-** ଟ୍ରାଇ କଲର୍ ମେକ୍‌ଅପ୍‌ରେ ବି ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଖାସ୍‌କରି ସ୍ୱାଧୀନତା ଦିବସ ଅବସରରେ ଦେଶୀ ଲୁକ୍ ପାଇବାକୁ ତଥା ଫ୍ୟାଶନେବଲ୍ ଦେଖାଯିବାକୁ ଯୁବତୀମାନେ ଚାହିଁଲେ ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲା ଭଳି ଆଖିରେ ଟ୍ରାଇ କଲର୍‌ର ଆଇଶାଡୋ ଲଗାଇପାରିବେ।

**ଟ୍ରାଇ କଲର୍ ଟାଟୁ:** ଏହାଛଡ଼ା ଗାଲରେ ଟ୍ରାଇ କଲର୍ ଆର୍ଟିଫିସିଆଲ୍ ଟାଟୁ କରି ବି ଯୁବତୀମାନେ ଏହିଦିନ କିଛିଟା ଭିନ୍ନ ଲୁକ୍ ପାଇପାରିବେ।






## କେଶ ପାଇଁ ମେଥି

ଦିନକୁ ଦିନ ବଦଳୁଥିବା ଜୀବନଶୈଳୀ, ଖାଦ୍ୟ, ପ୍ରଦୂଷଣ, ଧୂଳି କେବଳ ସ୍ୱାସ୍ଥ୍ୟ ଏବଂ ଚର୍ମ ଉପରେ ପ୍ରଭାବ ପକାଇ ନଥାଏ, ବରଂ ଏଥିପାଇଁ କେଶ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଆଜିକାଲି କେଶ ଝଡ଼ିବା ହେଉ କି କେଶ ଧଳା ପଡ଼ିଯିବା ଭଳି ସମସ୍ୟା ଅନେକଙ୍କ ସହ ଘଟୁଛି। ବିଶେଷ କରି ଖରାଦିନରେ ରୁପି ସମସ୍ୟା ମଧ୍ୟ ବଢ଼ିଯାଇଥାଏ। ଏହି କେଶ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକମାନେ ଅନେକ ପ୍ରକାରର ସାମ୍ପୁ ବ୍ୟବହାର କରନ୍ତି, କିନ୍ତୁ କେମିକାଲ ଯୋଗୁଁ ଏହା ଲାଭ ଦେବା ବଦଳରେ କେଶର କ୍ଷତି କରିଥାଏ। ଯଦି ଆପଣ କେଶ ଝଡ଼ିବା ସମସ୍ୟାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି, ତେବେ ଆଜି ଆମେ ଆପଣଙ୍କୁ ଏକ ସ୍ୱତନ୍ତ୍ର ଘରୋଇ ଉପଚାର କହିବାକୁ ଯାଉଛୁ। ଏଥିପାଇଁ ଆପଣଙ୍କୁ କେଶରେ ମେଥି ପାଣି ଲଗାଇବାକୁ ପଡ଼ିବ। ଏହାଦ୍ୱାରା ଆପଣଙ୍କ କେଶ ଝଡ଼ିବା କମିଯିବା ସହ ପତଳା କେଶ ମୋଟା ହୋଇଯାଇଥାଏ। କାରଣ ମେଥିରେ ଥିବା ଲୌହର ପରିମାଣ ରକ୍ତ ସଞ୍ଚାଳନକୁ ଠିକ କରିବା ସହ କେଶକୁ ମଜଭୁତ କରିବା ସହ ରୁପିକୁ ମଧ୍ୟ ଦୂରେଇଦେଇଥାଏ।

ଏଥିପାଇଁ ଏକ ବଡ଼ ପାତ୍ରରେ ଏକ ଗ୍ଲାସ୍ ପାଣି ନିଅନ୍ତୁ। ଏହି ପାଣିରେ ମେଥି ରଖନ୍ତୁ ଏବଂ ରାତିସାରା ଭିଜିବା ପାଇଁ ଛାଡିଦିଅନ୍ତୁ। ସକାଳେ ମେଥିକୁ ଅଲଗା କରି ଏହି ପାଣିକୁ ଅଲଗା ପାତ୍ରରେ ରଖନ୍ତୁ। ବର୍ତ୍ତମାନ ଏହି ପାଣିରେ କିଛି ବୁନ୍ଦା କେଶ ତେଲ ମିଶାଇ ଏହି ଜଳକୁ ଏକ ସ୍ପ୍ରେ ବୋତଲରେ ରଖନ୍ତୁ। ଆପଣଙ୍କ କେଶରେ ମେଥି ପାଣି ସିଞ୍ଚନ କରିବା ପୂର୍ବରୁ ସାମ୍ପୁ ଲଗାନ୍ତୁ। ସାମ୍ପୁ ଲଗାଇବା ଦ୍ୱାରା କେଶ ମୂଳ ସଫା ହୋଇଯାଇଥାଏ। ଭଲ ଭାବରେ ମୁଣ୍ଡ ଧୋଇବା ପରେ ସେଥିରେ ମେଥି ମିଶା ପାଣି ସ୍ପ୍ରେ କରନ୍ତୁ। ଏହିପରି କେଶକୁ ଅତି କମ୍‌ରେ ୧ ଘଣ୍ଟା ଛାଡ଼ିଦିଅନ୍ତୁ। ଏହା ପରେ କେଶକୁ ପାଣିରେ ଧୋଇ ଦିଅନ୍ତୁ।



# ଜେନେରେଟିଭ୍ ଏଆଇ

କୃତ୍ରିମ ବୁଦ୍ଧିମତା ବା ଏଆଇ ହେଉଛି ଏକ ଗଣନ ପ୍ରଣାଳୀ ଯାହା ଦ୍ୱାରା କମ୍ପ୍ୟୁଟର୍ କିମ୍ବା ସଂଗଣକ ଯନ୍ତ୍ର ମଣିଷ ପରି ଚିନ୍ତା କରିପାରେ, ଶିଖିପାରେ ଏବଂ ସମସ୍ୟାର ସମାଧାନ କରିପାରେ। ଯନ୍ତ୍ର ଶିକ୍ଷଣ, ଗଭୀର ଶିକ୍ଷଣ, ତଥ୍ୟ ବିଶ୍ଳେଷଣ, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, ଏବଂ ସ୍ୱୟଂଚାଳନ ଇତ୍ୟାଦି ପ୍ରକ୍ରିୟା ଏଆଇ ଗଣନ ପ୍ରଣାଳୀ ଅନ୍ତର୍ଭୁକ୍ତ। ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ଗୁରୁତ୍ୱପୂର୍ଣ୍ଣ, ତଥା ପ୍ରଭାବଶାଳୀ ଏଆଇ ପ୍ରଣାଳୀମାନଙ୍କ ମଧ୍ୟରେ ଜେନେରେଟିଭ୍ ଏଆଇ ଅନ୍ୟତମ। ଜେନେରେଟିଭ ଏଆଇ ବା ସୃଜନାତ୍ମକ କୃତ୍ରିମ ବୁଦ୍ଧିମତା ହେଉଛି ଏକ ବିଶେଷ ପ୍ରକାର କୃତ୍ରିମ ବୁଦ୍ଧିମତା ପ୍ରଣାଳୀ, ଯାହା ନୂତନ ତଥ୍ୟ ବିଷୟବସ୍ତୁ ଯେପରିକି ପାଠ୍ୟ, ଛବି, ସ୍ୱର, ସଙ୍ଗୀତ, ଦୃଶ୍ୟ ଏବଂ ବିଭିନ୍ନ ପ୍ରକାର ଦୃଶ୍ୟ-ଶ୍ରାବ୍ୟ ବିଷୟବସ୍ତୁ ଇତ୍ୟାଦି ସୃଷ୍ଟି କରିପାରେ। ସରଳ ଭାଷାରେ, ଏଆଇ ମଣିଷର କାମକୁ ଅନୁକରଣ କରେ, ଏବଂ ଜେନେରେଟିଭ ଏଆଇ ନୂଆ କିଛି ସୃଷ୍ଟି କରେ। ଗଭୀର ଶିକ୍ଷଣ ଏବଂ ସ୍ନାୟୁ ଜାଲ ଉପରେ ଆଧାରିତ ପୂର୍ବରୁ ଥିବା ବିଭିନ୍ନ ତଥ୍ୟ ଦେଖି ଏହା ଶିଖେ, ପରେ ଶିଖିଥିବା ଜ୍ଞାନର ବ୍ୟବହାର କରି ନୂତନ ଓ ଅଭୁତ ଜିନିଷ ସୃଷ୍ଟି କରେ। ପାଠ୍ୟ ବା ଟେକ୍ସ୍ଟ୍ ସୃଷ୍ଟିକାରୀ ଚାଟଜିପିଟି, ଛବି ସୃଷ୍ଟିକାରୀ ଡାଲ-ଇ, ସଙ୍ଗୀତ ସୃଷ୍ଟି କରୁଥିବା ସୁନୋ-ଏଆଇ, ଏବଂ ଦୃଶ୍ୟ-ଶ୍ରାବ୍ୟ ବିଷୟବସ୍ତୁ ସୃଷ୍ଟିରେ ସହାୟକ ଡିପ୍ ଫେକ୍ ଇତ୍ୟାଦି ଏହାର ପ୍ରମୁଖ ଉଦାହରଣ। ଜେନେରେଟିଭ ଏଆଇର ଗୁରୁତ୍ୱପୂର୍ଣ୍ଣ ଉପଯୋଗ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ନୂତନ ପାଠ୍ୟ ସାମଗ୍ରୀ, କଳା ଓ ମନୋରଞ୍ଜନ ଜଗତରେ ଛବି, ସଙ୍ଗୀତ, କବିତା ଓ ବିଭିନ୍ନ ପ୍ରକାର ଦୃଶ୍ୟ-ଶ୍ରାବ୍ୟ ବିଷୟବସ୍ତୁ, ବ୍ୟବସାୟ କ୍ଷେତ୍ରରେ ବିଜ୍ଞାପନ ଓ ବିକ୍ରୟ ସାମଗ୍ରୀ, ଏବଂ ଚିକିତ୍ସା ବ୍ୟବସ୍ଥାରେ ନୂତନ ଔଷଧର ସଂରଚନା ଇତ୍ୟାଦିର ସୃଷ୍ଟି ଅନ୍ୟତମ। ଏହି ଜ୍ଞାନକୌଶଳର ବ୍ୟବହାରରେ କେତେକ ସୁବିଧା ଓ ଅସୁବିଧା ରହିଛି। ଦ୍ରୁତ ଓ ସହଜ ବିଷୟବସ୍ତୁ ସୃଷ୍ଟି ସହ ଏହା ଶାରୀରିକ ଶ୍ରମ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହାର ଅପବ୍ୟବହାର କରି କୌଣସି ବିଷୟରେ ଭୁଲ୍ ତଥ୍ୟ ସୃଷ୍ଟି ହୋଇପାରେ ଏବଂ କାଳ୍ପନିକ, ଭିତ୍ତିହୀନ ତଥା ବିଭ୍ରାନ୍ତିକର ଖବର ସୃଷ୍ଟି କରାଯାଇପାରେ। ଏହା ଏକ ଶକ୍ତିଶାଳୀ ଉପକରଣ ଯାହା ନୂତନ ଜିନିଷ ସୃଷ୍ଟି କରିପାରେ, ମାତ୍ର ସତର୍କତାର ସହିତ ବ୍ୟବହାର କଲେ ଭବିଷ୍ୟତରେ ଏହା ଆମ ଜୀବନକୁ ଅଧିକ ସୁବିଧାଜନକ କରିବ।

**ନିହାର ରଞ୍ଜନ ସାବତ**
ମଞ୍ଜେଶ୍ୱର ଶିକ୍ଷାଞ୍ଚଳ, ଭୁବନେଶ୍ୱର

# ଶୈଶବରୁ ଆରମ୍ଭ ହୁଏ ଦୃଷ୍ଟିଶକ୍ତି ହ୍ରାସ



ଆପଣଙ୍କର ଘରେ କାହାର ପିଲାବେଳୁ ଦୃଷ୍ଟିଶକ୍ତି ହ୍ରାସ ହେବାରେ ଲାଗିଛି କି ? ଯଦି ହଁ, ତେବେ ଆପଣ ଅବହେଳା କରନ୍ତୁ ନାହିଁ। କାରଣ ଏହା ଆଇଆରଡ଼ିର ଲକ୍ଷଣ ହୋଇପାରେ। ବାସ୍ତବରେ ଆଇଆରଡି (ଇନହେରିଟେଡ୍ ରେଟିନାଲ୍ ଡିଷ୍ଟ୍ରୋଫି) ହେଉଛି ଜେନେଟିକ୍ ଅବସ୍ଥାର ଏକ ଗୋଷ୍ଠୀ ଯାହା ରେଟିନାକୁ ପ୍ରଭାବିତ କରେ, ଏହା ଫଳରେ ଛୋଟ ପିଲା ଏବଂ ଯୁବକମାନଙ୍କ ମଧ୍ୟରେ ଦୃଷ୍ଟିଶକ୍ତି ହ୍ରାସ ପାଏ, ଏପରିକି ଅନ୍ଧତ୍ୱ ମଧ୍ୟ ହୋଇପାରେ। ଏଥିରେ ରେଟିନାଇଟିସ୍ ପିଗମେଣ୍ଟୋସା, ଲେବର୍ କଞ୍ଜେନିଟାଲ୍ ଏମୋରୋସିସ୍, ଷ୍ଟାରଗାର୍ଡ ରୋଗ ଏବଂ କୋନ୍-ରଡ୍ ଡିଷ୍ଟ୍ରୋଫି ଭଳି ରୋଗ ଅନ୍ତର୍ଭୁକ୍ତ। ଅନେକ କ୍ଷେତ୍ରରେ ସଚେତନତା ଏବଂ ସ୍ୱତନ୍ତ୍ର ସୁବିଧା ଅଭାବରୁ ଏସବୁ ରୋଗ ଭୁଲ ଭାବରେ ନିର୍ଣ୍ଣୟ କରାଯାଏ କିମ୍ବା ବହୁତ ବିଳମ୍ବରେ ଚିହ୍ନଟ କରାଯାଏ।

ଆଇଆରଡି ଦ୍ୱାରା ଦୃଷ୍ଟିଶକ୍ତି ହ୍ରାସ ଶୈଶବରୁ ଆରମ୍ଭ ହୋଇପାରେ ଏବଂ କିଶୋରାବସ୍ଥା ଓ ପ୍ରାପ୍ତବୟସ୍କ ହେବା ପର୍ଯ୍ୟନ୍ତ ବଢ଼ିପାରେ, ଯାହା ଶିକ୍ଷାଲାଭ, ନିଯୁକ୍ତି ଏବଂ ଜୀବନର ଗୁଣବତ୍ତା ଉପରେ ଗୁରୁତର ପ୍ରଭାବ ପକାଇପାରେ। ପିଲାମାନଙ୍କଠାରେ ପ୍ରଥମେ ରାତିକାଳୀନ ଅନ୍ଧତ୍ୱ ହୁଏ, ତା'ପରେ ବସ୍ତୁ ଦୃଷ୍ଟିକ୍ଷେତ୍ର ମଧ୍ୟଭାଗକୁ ନ ଆସିଲେ ଦେଖା ନଯିବା (ଟନେଲ୍ ଭିଜନ୍) ଏବଂ ଶେଷରେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇପାରନ୍ତି। ଅନ୍ୟାନ୍ୟ ଅନ୍ଧତ୍ୱ ଭଳି ଏହା ନୁହେଁ। ଆଇଆରଡି ବଂଶାନୁକ୍ରମିକ ଭାବରେ ହୁଏ ଏବଂ ପିଢ଼ି ପରେ ପରିବାରର ଅନେକ ସଦସ୍ୟଙ୍କୁ ପ୍ରଭାବିତ କରିପାରେ। ଅନେକ ପରିବାର ନିରୂପଣ ହୋଇନଥିବା ବଂଶାନୁକ୍ରମିକ ଅନ୍ଧତ୍ୱ ସହିତ ବଞ୍ଚନ୍ତି କାରଣ ସେମାନେ ମୂଳ ଜିନଗତ କାରଣ ବିଷୟରେ ଜାଣି ନ ଥାନ୍ତି। ଜେନେଟିକ୍ ପରୀକ୍ଷଣ କେବଳ ରୋଗ ନିର୍ଣ୍ଣୟକୁ ନିଶ୍ଚିତ କରେ ନାହିଁ ବରଂ ନିର୍ଦ୍ଦିଷ୍ଟ ଚିକିତ୍ସା, ନୈଦାନିକ ପରୀକ୍ଷଣରେ ଅଂଶଗ୍ରହଣ ଏବଂ ସୂଚନା ମିଳିବା ଯୋଗୁଁ ପାରିବାରିକ ଯୋଜନା ପାଇଁ ମଧ୍ୟ ପଥ ଉନ୍ମୁକ୍ତ କରିଥାଏ। ତେବେ ଆଇଆରଡିର ଚିକିତ୍ସା ବାବଦରେ କହିବାକୁ ଗଲେ ସ୍ୱତନ୍ତ୍ର ରେଟିନା ମୂଲ୍ୟାଙ୍କନ, ଇଆରଜି ଏବଂ ଭିଇପି ଭଳି ଇଲେକ୍ଟ୍ରୋଫିଜିଓଲୋଜିକାଲ୍ ଟେଷ୍ଟ, ଜିନ୍ ପ୍ୟାନେଲ୍ କିମ୍ବା ସାମଗ୍ରିକ ଏକ୍ସୋମ୍ ସିକ୍ୱେନ୍ସିଂ ସାହାଯ୍ୟରେ ଉନ୍ନତ ଜେନେଟିକ୍ ପରୀକ୍ଷଣ ଦ୍ୱାରା ଏହା ଜଣାପଡ଼େ। କୌଣସି ଚକ୍ଷୁ ବିଶେଷଜ୍ଞ ଏହି ସବୁ ରିପୋର୍ଟ ମାଧ୍ୟମରେ ହିଁ ଚିକିତ୍ସା କରିଥାନ୍ତି।

# ୟୁରିକ୍ ଏସିଡ୍

**ଶରୀରରେ ପ୍ୟୁରିନ୍ ନାମକ ଏକ ଉପାଦାନ ଭାଙ୍ଗିଗଲେ ୟୁରିକ୍ ଏସିଡ୍ ସୃଷ୍ଟି ହୁଏ। ଏହା ସାଧାରଣତଃ ରକ୍ତରେ ଦ୍ରବୀଭୂତ ହୋଇ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହାର ପରିମାଣ ବୃଦ୍ଧି ପାଏ, ଏହା ସ୍ଫଟିକ ଗଠନ କରି ସନ୍ଧିରେ ଜମା ହୋଇପାରେ। ବିଶେଷକରି ରାତିରେ ଏପରି ପରିସ୍ଥିତିରେ ଶରୀର ଆମକୁ କିଛି ସଙ୍କେତ ଦିଏ, ଯାହାକୁ ଚିହ୍ନିବା ବହୁତ ଗୁରୁତ୍ୱପୂର୍ଣ୍ଣ।**

**ସନ୍ଧିରେ ହଠାତ୍ ତୀବ୍ର ଯନ୍ତ୍ରଣା:** ଯେତେବେଳେ ୟୁରିକ୍ ଏସିଡ୍ ବୃଦ୍ଧି ପାଏ, ପ୍ରଥମେ ସନ୍ଧିଗୁଡ଼ିକ ପ୍ରଭାବିତ ହୁଏ। ରାତିରେ ଗୋଟିଏ ଗୋଡ଼ରେ ହଠାତ୍ ଅସହ୍ୟ ଯନ୍ତ୍ରଣା ଏହାର ଏକ ପ୍ରମୁଖ ଲକ୍ଷଣ ହୋଇପାରେ।

**ସନ୍ଧିରେ ଫୁଲା ଏବଂ ଉଷ୍ମତା:** ଯଦି ଆପଣ ରାତିରେ ଆଙ୍ଗୁଠି, ଗୋଡ଼ କିମ୍ବା ଆଣ୍ଠୁରେ ହାଲୁକା ଫୁଲା ଏବଂ ଉଷ୍ମତା ଅନୁଭବ କରନ୍ତି, ତେବେ ଏହା ୟୁରିକ ଏସିଡ୍ ସ୍ଫଟିକ ଜମା ହେବାର ଏକ ଲକ୍ଷଣ।

**ହାଲୁକା ଜ୍ୱର:** ବର୍ଦ୍ଧିତ ୟୁରିକ୍ ଏସିଡ୍ ଶରୀରରେ ପ୍ରଦାହ ବୃଦ୍ଧି କରେ। ଯାହା ଦ୍ୱାରା ହାଲୁକା ଜ୍ୱର, ଅସୁବିଧା କିମ୍ବା ରାତିରେ ଝାଳ ବାହାରିପାରେ।

**କମ୍ ପରିସ୍ରା କିମ୍ବା ଜଳାପୋଡ଼ା ଅନୁଭବ:** ଶରୀରରୁ ୟୁରିକ୍ ଏସିଡ୍ ପରିସ୍ରା ମାଧ୍ୟମରେ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହା ବୃଦ୍ଧି ପାଏ, ପରିସ୍ରା କମ୍ ହୋଇପାରେ କିମ୍ବା ପରିସ୍ରା ସମୟରେ ଜଳାପୋଡ଼ା ଅନୁଭବ ହୋଇପାରେ। ଏହି ଲକ୍ଷଣଗୁଡ଼ିକ ରାତିରେ ଅଧିକ ଅନୁଭୂତ ହୋଇପାରେ।

**କ୍ଳାନ୍ତି ଏବଂ ଭାରି ଅନୁଭବ:** ଯଦି ରାତିରେ ପରିଶ୍ରମ ନକରି ମଧ୍ୟ ଶରୀର ଭାରି ଅନୁଭବ ହୁଏ କିମ୍ବା ଶୋଇବା ପରେ ମଧ୍ୟ ଆପଣ ସତେଜ ଅନୁଭବ କରନ୍ତି ନାହିଁ, ତେବେ ଏହା ଅଧିକ ୟୁରିକ ଏସିଡ୍ ଯୋଗୁଁ ମେଟାବୋଲିକ୍ ଅସନ୍ତୁଳନର ଲକ୍ଷଣ ହୋଇପାରେ।

**ରାତିରେ ଯନ୍ତ୍ରଣା:** ଦିନସାରା ସନ୍ଧିରେ କୌଣସି ଯନ୍ତ୍ରଣା ହୁଏ ନାହିଁ, କିନ୍ତୁ ଯଦି ଏହି ଯନ୍ତ୍ରଣା କେବଳ ରାତିରେ ହୁଏ, ତେବେ ଏହା ୟୁରିକ ଏସିଡର ସମସ୍ୟା।




## ଅମୃତଭଣ୍ଡା ପତ୍ର ରସ

* ଡେଙ୍ଗୁ ଓ ଚିକେନଗୁନିଆ ରୋଗୀଙ୍କୁ ଏହି ରସ ପିଇବା ପାଇଁ ପରାମର୍ଶ ଦିଆଯାଇଥାଏ। ସାରା ଜୀବନ ଯଦି ଆପଣ ନିଜକୁ ସୁସ୍ଥ ରଖିବା ପାଇଁ ଚାହୁଥାନ୍ତି, ତେବେ ଏହାକୁ ଖାଦ୍ୟସୂଚୀରେ ଯୋଡ଼ିଦିଅନ୍ତୁ।
* ଏହାର ପତ୍ରରେ କ୍ୟାନ୍ସର କୋଷ ବୃଦ୍ଧି ରୋକିବାରେ ତତ୍ତ୍ୱ ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହିତ ସର୍ଭାଇକାଲ କ୍ୟାନସର ଓ ସ୍ତନ କର୍କଟର କୋଷ ତିଆରିକୁ ମଧ୍ୟ ରୋକିଥାଏ।
* ସଂକ୍ରମଣରୁ ରକ୍ଷା କରେ।
* ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ବ୍ୟାକ୍ଟେରିଆ ବିନାଶକୁ ରୋକେ। ରକ୍ତରେ ଶ୍ୱେତ ରକ୍ତକଣିକା ଏବଂ ପ୍ଲେଟଲେଟ ସଂଖ୍ୟା ବଢ଼ାଇବାରେ ସାହଯ୍ୟ କରେ।

# ବୁଲନ୍ତୁ ଦେଶପ୍ରୀତିରେ

**ସ୍ୱାଧୀନତା ଦିବସ ଅବସରରେ ଭାରତର ବିଭିନ୍ନ ସ୍ଥାନରେ ଦେଶଭକ୍ତିର ଅପୂର୍ବ ଝଲକ ଦେଖିବାକୁ ମିଳେ। ତେଣୁ ଏହି ବିଶେଷ ଦିନକୁ ଟିକେ ନିଆରା ଢଙ୍ଗରେ ପାଳନ କରିବାକୁ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରେମ ଜାଗ୍ରତ ହେବା ସହ ବହୁ ଐତିହାସିକ ତଥ୍ୟ ସମ୍ପର୍କରେ ଜାଣିହେବ, ଜାଣନ୍ତୁ ସେ ସମ୍ପର୍କରେ...**









*** ଅଗଷ୍ଟକ୍ରାନ୍ତି ମୈଦାନ:** ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ମୁମ୍ବାଇସ୍ଥିତ ଏକ ମୈଦାନ ବା ପଡ଼ିଆରେ ସାର୍ବଜନିନ ସମ୍ମିଳନୀରେ ଭାରତଛାଡ଼ ଆନ୍ଦୋଳନର ନାରାବାଜି ଦେଇଥିଲେ। ଯେଉଁ ପଡ଼ିଆରୁ ଗାନ୍ଧିଜୀ ଏହି ଅଭିଯାନର ମୂଳଦୁଆ ପକାଇଥିଲେ, ତାହା ବର୍ତ୍ତମାନ ଅଗଷ୍ଟକ୍ରାନ୍ତି ମୈଦାନ ନାଁରେ ଜଣାଶୁଣା। ପୂର୍ବରୁ ଏହା ଗୋୱାଲିୟା ଟ୍ୟାଙ୍କ ମୈଦାନ ଭାବେ ଜଣାଯାଉଥିଲା। ତେଣୁ ବିଭିନ୍ନ ସ୍ମରଣୀୟ ଦିବସରେ ଖାସ୍ କରି ସ୍ୱାଧୀନତା ଦିବସରେ ପର୍ଯ୍ୟଟକ ଏଠାକୁ ବୁଲିଗଲେ ବିଶେଷ କାର୍ଯ୍ୟକ୍ରମଗୁଡ଼ିକୁ ଉପଭୋଗ କରିବାର ସୁଯୋଗ ନେଇପାରିବେ।

*** ଇଣ୍ଡିଆ ଗେଟ୍:** ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ବି ହେଉଛି ଏକ ରାଷ୍ଟ୍ରୀୟ ସ୍ମାରକ। ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଇଣ୍ଡିଆ ଗେଟ୍ ଆଡ଼େ ବୁଲି ଯାଇ ମନରେ ଦେଶପ୍ରୀତି ଜାଗ୍ରତ କରିବା ସହ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ।

*** ଲାଲକିଲ୍ଲା:** ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀସ୍ଥିତ ଲାଲକିଲ୍ଲା ଆଡ଼େ ମଧ୍ୟ ବୁଲିଗଲେ ମନରେ ଏକ ଅପୂର୍ବ ଶିହରଣ ଖେଳିଯାଇଥାଏ। କାରଣ ଏହା ହେଉଛି ଏକ ଐତିହାସିକ ଦୁର୍ଗ। ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଏହି ଦୁର୍ଗ ସହିତ ଜଡ଼ିତ ରହିଛି। ତା'ସାଙ୍ଗକୁ ଏହି ଦୁର୍ଗଟିର ଅପୂର୍ବ ସୌନ୍ଦର୍ଯ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ।

*** ସାବରମତୀ ଆଶ୍ରମ:** ଗୁଜରାଟର ଅହମଦାବାଦ୍‌ର ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତ ବା ଶିଷ୍ୟମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ମଧ୍ୟ ଜ୍ଞାନ ପ୍ରଦାନ କରୁଥିଲେ। ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ତେଣୁ ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ଆଶ୍ରମକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।

*** ଧର୍ମଶାଳା:** ହିମାଚଳ ପ୍ରଦେଶର ଧର୍ମଶାଳାରେ ବି ସ୍ୱାଧୀନତା ଦିବସକୁ ବେଶ୍ ଉତ୍ସାହର ସହକାରେ ପାଳନ କରାଯାଇଥାଏ। ଖାସ୍ କରି ଏଠାରେ ଥିବା ଯୁଦ୍ଧ ସ୍ମାରକକୁ ତ୍ରିରଙ୍ଗାରେ ଖୁବ୍ ସୁନ୍ଦର ଭାବେ ସଜାଇ ଦିଆଯାଇଥାଏ। ତା'ସହିତ ଦେଶଭକ୍ତି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ବି ଏଠାରେ ପରିବେଷଣ କରାଯାଇଥାଏ; ଯାହା ପର୍ଯ୍ୟଟକଙ୍କ ମନରେ ଦେଶପ୍ରିତୀର ନିଆରା ଝଲକ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ସେଥିପାଇଁ ପ୍ରତିବର୍ଷ ସ୍ୱାଧୀନତା ଦିବସ ଅବସରରେ ଏଠାରେ ଆଗନ୍ତୁକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୁଏ ।

ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ ସ୍ୱାଧୀନତା ଦିବସ ଅବସରରେ କୋଲକାତାର ନେତାଜୀ ଭବନ, ଲଦାଖର କାରଗିଲ୍ ଯୁଦ୍ଧ ସ୍ମାରକ, ଉତ୍ତରପ୍ରଦେଶର ଝାନ୍ସି କିଲ୍ଲା, ଗୁଜରାଟର ପୋରବନ୍ଦର ଆଦି ସ୍ଥାନକୁ ବୁଲିଯାଇ ଦେଶପ୍ରୀତିର କିଛିଟା ନିଆରା ଅନୁଭୂତିକୁ ସାଉଁଟିପାରିବେ। କେବଳ ସେତିକି ନୁହେଁ, ଶିମ୍‌ଲା, ମସୁରୀ, ଶିଲଂ ତଥା ଅନ୍ୟ କେତେକ ପର୍ଯ୍ୟଟନସ୍ଥଳୀକୁ ବି ବୁଲିଯାଇ ସେଠାରେ ଏହି ବିଶେଷ ଦିନକୁ କିଭଳି ନିଆରା ଢଙ୍ଗରେ ପାଳନ କରାଯାଉଛି ତାହାକୁ ମଧ୍ୟ ନିକଟରୁ ଜାଣିବାର ସୁଯୋଗ ପାଇପାରିବେ।



## ମଜାର ବାର 'ରବିବାର'

ଛୁଟିର ଦିନ ଭାବେ ଜଣାଯାଉଥିବା ରବିବାରକୁ ନେଇ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ନାନା ଲୋକକଥାମାନ ରହିଛି। ଭାରତ ବ୍ୟତୀତ କୋରିଆ ଓ ଜାପାନରେ ମଧ୍ୟ ରବିବାରକୁ 'ସୂର୍ଯ୍ୟଙ୍କ ବାର' ଭାବେ ଗ୍ରହଣ କରାଯାଇଛି। ଆମ ଦେଶରେ ରବିବାରରେ ଲୋକେ ସୂର୍ଯ୍ୟ ପୂଜା କରୁଥିବା ବେଳେ ସେସବୁ ରାଷ୍ଟ୍ରରେ ଅବଶ୍ୟ ଏଭଳି କରାଯାଇନଥାଏ।

ପେରୁ, ଜର୍ମାନୀ, ସ୍ୱିଡେନ, ଫ୍ରାନ୍ସ, ବେଲଜିୟମରେ କେବଳ ରବିବାରରେ ହିଁ ନିର୍ବାଚନ ହେବାର ନିୟମ ରହିଛି। ୯୦ ବର୍ଷ ତଳୁ ସେଠାରେ ଏହି ନିୟମ ପାଳିତ ହେଉଛି।

ରବିବାରରେ କେତୋଟି କଡ଼ା ନିୟମ ମଧ୍ୟ ବିଶ୍ୱର ଅନ୍ୟାନ୍ୟ ପ୍ରାନ୍ତରେ ପାଳନ କରାଯାଉଥିବାରୁ ଦେଖାଯାଏ। ଆମେରିକାର ଉଟାହ ରାଜ୍ୟରେ ଛୁଟିଦିନରେ ଅବା ଉତ୍ସବ ଦିନଗୁଡ଼ିକରେ ସ୍ଥାନୀୟ ଲୋକ ହୁଇସିଲ ବଜାଇ ମନ ଆନନ୍ଦ କରନ୍ତି। ହେଲେ ରବିବାର ସେଠି ହୁଇସିଲ ବଜାଇଲେ, ୧ ହଜାର ଡଲାର ଜରିମାନା କରାଯାଏ।

ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ପରି ରାଇଜରେ ରବିବାର ହେଉଛି 'ଖେଳର ଦିନ ସେ ସବୁ ଦେଶରେ ରବିବାରରେ ଗଲ୍ଫ ମୋଟରସାଇକେଲ ପ୍ରତିଯୋଗିତା ଆଦି ହୁଏ। ସପ୍ତାହର ଏକ ଗୋଟିଏ ଦିନ ସେମାନେ ମଜା କରି କାଟନ୍ତୁ। କେତୋଟି ପ୍ରାନ୍ତରେ ରବିବାର ହେଉଛି କାମର ଦିନ, ସେସବୁ ଦେଶଗୁଡ଼ିକ ହେଲେ ବାହାରିନ ବାଂଲାଦେଶ, ଇସ୍ରାଇଲ ଓ ଇରାନ। ଅନ୍ୟର ଉନ୍ନତିର ପଥକୁ ଅନୁସରଣ କରିବା ସହ ତା' ଚଲାପଥର କଷ୍ଟ ସହିଷ୍ଣୁତାକୁ ଦେଖିବା ଜରୁରୀ। ସଫଳତା ସହ ଏହା ସଚ୍ଚୋଟତାର ପ୍ରମାଣ ଦିଏ।

# ଦୁଲୀପ୍ ଟ୍ରଫିଃ ଜୁରେଲଙ୍କୁ ସେଣ୍ଟ୍ରାଲ୍ ଜୋନ୍‌ର ନେତୃତ୍ୱ, ଶୁଭମନ ଗିଲ୍ ନର୍ଥ ଜୋନ୍ କ୍ୟାପ୍‌ଟେନ୍

ମୁମ୍ବାଇ: ଭାରତୀୟ ଟେଷ୍ଟ୍ କ୍ୟାପ୍‌ଟେନ୍ ଶୁଭମନ ଗିଲ୍‌ଙ୍କୁ ଆଗାମୀ ଦୁଲୀପ୍ ଟ୍ରଫି ପାଇଁ ନର୍ଥ ଜୋନ୍‌ର ନେତୃତ୍ୱ ପ୍ରଦାନ କରାଯାଇଛି। ଏହି ଟିମ୍‌ରେ ଅର୍ଶଦୀପ୍ ଏବଂ ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି। ତିନି ଖେଳାଳି ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଥିବା ଇଷ୍ଟ୍ ଜୋନ୍ ବିପକ୍ଷ ଟୁର୍ଣ୍ଣାମେଣ୍ଟ୍‌ର କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଖେଳିବେ। ଯଦି ଏହି ତିନି ଖେଳାଳିଙ୍କୁ ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁ ଥିବା ଏସିଆ କପ୍ ପାଇଁ ଭାରତୀୟ ଟିମ୍‌ରେ ମନୋନୀତ କରାଯାଏ, ତେବେ ସେମାନଙ୍କୁ ନର୍ଥ ଜୋନ୍ ସ୍କ୍ୱାଡ୍‌ରୁ ରିଲିଜ୍ କରାଯିବ। ଗିଲ୍ ଏସିଆ କପ୍ ଟିମ୍‌ରେ ସ୍ଥାନ ପାଇଲେ ନର୍ଥ ଜୋନ୍ ଟିମ୍‌ରେ ଶୁଭମ୍ ରୋହିଲ୍ଲା ତାଙ୍କ ସ୍ଥାନ ନେବେ। ସେହିପରି ଅର୍ଶଦୀପ୍‌ଙ୍କ ସ୍ଥାନରେ ଗୁରନୁର୍ ବ୍ରାର୍ ଏବଂ ହର୍ଷିତ ରାଣାଙ୍କ ସ୍ଥାନରେ ଅନୁଜ ଠକରାଲ୍‌ଙ୍କୁ ସୁଯୋଗ ମିଳିବ। ନର୍ଥ ଜୋନ୍ ଟିମ୍‌ରେ



ଆୟୁଷ ବଡ଼ୋନୀ, ଯଶ୍ ଧୂଲ୍ ଏବଂ ଅଂଶୁଳ କମ୍ବୋଜଙ୍କ ପରି ଖେଳାଳି ରହିଛନ୍ତି।

ସେଣ୍ଟ୍ରାଲ୍ ଜୋନ୍ ଟିମ୍‌ର ନେତୃତ୍ୱ ଭାରତୀୟ ୱିକେଟ୍‌କିପର୍ ଧ୍ରୁବ ଜୁରେଲ୍‌ଙ୍କ ଉପରେ ନ୍ୟସ୍ତ କରାଯାଇଛି। ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପ୍ରଥମ ଥର ଆଇପିଏଲ୍ ଜିତାଇଥିବା କ୍ୟାପ୍‌ଟେନ୍ ରଜତ ପାଟିଦାରଙ୍କୁ ସେଣ୍ଟ୍ରାଲ୍ ଜୋନ୍ ଭାଇସ୍ କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଛି। ତାଙ୍କ ବ୍ୟତୀତ ଟିମ୍‌ରେ କୁଲଦୀପ୍ ଯାଦବ, ଦୀପକ ଚହର, ସାରାଂଶ ଜୈନ ଏବଂ ଖଲିଲ ଅହମ୍ମଦଙ୍କୁ ସାମିଲ କରାଯାଇଛି। ସେଣ୍ଟ୍ରାଲ୍ ଜୋନ୍ ପ୍ରଥମ ମ୍ୟାଚ୍ ନର୍ଥ-ଇଷ୍ଟ୍ ଜୋନ୍ ବିପକ୍ଷରେ ଖେଳିବ। ଚଳିତ ବର୍ଷ ଦୁଲୀପ୍ ଟ୍ରଫି ପୁଣିଥରେ ଜୋନ୍ ଆଧାରିତ ଫର୍ମାଟ୍‌ରେ ଖେଳାଯିବ। ଗତଥର ଟୁର୍ଣ୍ଣାମେଣ୍ଟ୍ ଚାରିଟି ଟିମ୍ (ଏ, ବି, ସି ଓ ଡି) ମଧ୍ୟରେ ଖେଳାଯାଇଥିଲା। ଏହାପରେ ଏହାକୁ ପୁଣିଥରେ ପୁରୁଣା ଫର୍ମାଟ୍‌ରେ କରାଇବାକୁ ନିଷ୍ପତ୍ତି ହୋଇଛି। ଚଳିତ ଥର ଦୁଲୀପ୍ ଟ୍ରଫିରୁ ଭାରତର ଘରୋଇ ସିଜନ୍ ଆରମ୍ଭ ହେବ।

ନର୍ଥ ଜୋନ୍ ଟିମ୍: ଶୁଭମନ ଗିଲ୍ (କ୍ୟାପ୍‌ଟେନ୍), ଶୁଭମ୍ ଖଜୁରିଆ, ଅଂକିତ କୁମାର (ଭାଇସ୍ କ୍ୟାପ୍‌ଟେନ୍), ଆୟୁଷ ବଡ଼ୋନୀ, କହ୍ନୈୟା ୱଧାବନ (ୱିକେଟ୍‌କିପର୍), ଯଶ୍ ଧୁଲ୍, ଅଙ୍କିତ କଲଦୀ, ନିଶାନ୍ତ ସିନ୍ଧି, ସାହିଲ ଲୋତ୍ରା, ମୟଙ୍କ ଡାଗର, ଯୁଦ୍ଧବୀର ସିଂହ ଚରକ, ଅର୍ଶଦୀପ୍ ସିଂହ, ହର୍ଷିତ ରାଣା, ଅଂଶୁଳ କମ୍ବୋଜ, ଔକିବ୍ ନବୀ।

ସେଣ୍ଟ୍ରାଲ୍ ଜୋନ୍ ଟିମ୍: ଧ୍ରୁବ ଜୁରେଲ୍ (କ୍ୟାପ୍‌ଟେନ୍), ରଜତ ପାଟିଦାର (ଭାଇସ୍ କ୍ୟାପ୍‌ଟେନ୍), ଆର୍ଯ୍ୟନ ଜୁରେଲ (ୱିକେଟ୍‌କିପର୍), ଦିନେଶ ମଲୱାର, ସଞ୍ଚୀତ ଦେସାଇ, କୁଲଦୀପ୍ ଯାଦବ, ଆଦିତ୍ୟ ଠାକ୍‌ରେ, ଦୀପ୍ ଚହର, ସାରାଂଶ ଜୈନ୍, ଆୟୁଷ ପାଣ୍ଡେ, ଶୁଭମନ୍ ଶର୍ମା, ଯଶ୍ ରାଠୋର, ହର୍ଷ ଦୁବେ, ମାନବ ସୁତାର, ଖଲିଲ ଅହମଦ। ଷ୍ଟାଣ୍ଡବାଇ: ମାନବ କୌଶିକ, ଯଶ୍ ଠାକୁର, ଯୁବରାଜ ଚୌଧୁରୀ, ମହିପାଲ ଲୋମରୋର୍, କୁଲଦୀପ୍ ସେନ୍ ଓ ଉନେନ୍ଦ୍ର ଯାଦବ।

# ଭାରତ ଗସ୍ତ ପାଇଁ ଅଷ୍ଟ୍ରେଲିଆ-ଏ' ଟିମ୍ ଘୋଷିତ

ସିଡ୍‌ନୀ: କ୍ରିକେଟ୍ ଅଷ୍ଟ୍ରେଲିଆ ଭାରତ ଗସ୍ତ ପାଇଁ ଗୁରୁବାର ଅଷ୍ଟ୍ରେଲିଆ-ଏ' ଟିମ୍‌ର ଘୋଷଣା କରିଛି। ଗତ ବର୍ଡର-ଗାଭାସ୍କ ଟ୍ରଫିରେ ଡେବ୍ୟୁ କରିଥିବା ସାମ୍ କୋନ୍‌ଷ୍ଟାସ୍, ନାଥନ ମାକ୍‌ସ୍ୱିନୀ, ଓଲିଭର୍ ପିକ୍ ଏବଂ କ୍ୟାମ୍ପବେଲ୍ କେଲାୱେଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ତେବେ ଶ୍ରୀଲଙ୍କା ଗସ୍ତରେ ଟିମ୍‌ର ସଦସ୍ୟ ଥିବା ଜ୍ୟାକ୍ ୱେଦରାଲ୍ଡ, ଜେସନ୍ ସାଂଘା ଏବଂ କାର୍ଟିସ୍ ପିଟରସନ୍‌ଙ୍କୁ ସୁଯୋଗ ମିଳିନାହିଁ। ଏହା ବ୍ୟତୀତ ଅନୁଭବୀ ଟେଷ୍ଟ୍ ଓପ୍ନର୍ ମାର୍କସ୍ ହାରିସ୍, କାମେରୁନ୍ ବେନ୍‌କ୍ରାଫ୍ଟ ଓ ମ୍ୟାନ୍ ରେନ୍‌ଶାଙ୍କୁ ମଧ୍ୟ ଟିମ୍‌ରୁ ବାଦ୍ ଦିଆଯାଇଛି।

ଅଷ୍ଟ୍ରେଲିଆ ଯୁବ ଟିମ୍ ସେପ୍ଟେମ୍ବରରେ ଭାରତ ଗସ୍ତ କରିବ ଏବଂ ସେପ୍ଟେମ୍ବର ୧୬ରୁ ଆରମ୍ଭ ହେବାକୁ ଥିବା ଗସ୍ତରେ ଦୁଇଟି ୪ ଦିନିକିଆ ମ୍ୟାଚ୍ ଖେଳାଯିବ। ଅଷ୍ଟ୍ରେଲୀୟ ସିଲେକ୍ଟର୍ ଯୁବ ଖେଳାଳିଙ୍କୁ ଭାରତରେ ଖେଳିବାର ଅନୁଭବ ପ୍ରଦାନ କରିବାକୁ ଚାହୁଁଛନ୍ତି। ଫଳରେ ୨୦୨୭ରେ ହେବାକୁ ଥିବା ବର୍ଡର୍-ଗାଭାସ୍କର ଟ୍ରଫିରେ ଏହାର ଲାଭ ସେମାନଙ୍କୁ ମିଳିପାରିବ। ଚାରିଦିନିଆ ମ୍ୟାଚ୍ ପରେ ଟିମ୍‌ର କେତେକ ଖେଳାଳି କାନପୁରରେ ତିନି ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିବେ। ଦିନିକିଆ ଟିମ୍‌ରେ ଜ୍ୟାକ୍ ଫ୍ରେଜର-ମ୍ୟାକ୍‌ଗର୍କ, ଟମ୍ ଷ୍ଟ୍ରେକର୍, କାମଲ ୱିଡ୍‌ଲର୍, ୱିଲ୍ ସଦରଲାଣ୍ଡ, ତନ୍‌ବୀର ସାଂଘା ଏବଂ ଲକି ଶ'ଙ୍କ ପରି ଯୁବ ଖେଳାଳି ସାମିଲ ହୋଇଛନ୍ତି। ଫ୍ରେଜର-ମ୍ୟାକ୍‌ଗର୍କଙ୍କୁ ପ୍ରଥମ ଥର ଲିଷ୍ଟ୍-ଏ' ମ୍ୟାଚ୍‌ରେ ୱିକେଟ୍‌କିପର୍ ସୁଯୋଗ ମିଳିପାରେ। ଏହା ବ୍ୟତୀତ ଟେଷ୍ଟ୍ ଟିମ୍‌ରେ ସ୍ଥାନ ପାଇଥିବା ସ୍ପିନର୍ ଟଡ୍ ମର୍ଫି, କୁପର୍ କୋନୋଲୀ, ହାର୍ଡି, ଏଡ୍‌ୱାର୍ଡ୍ସ ଏବଂ ସ୍କଟ୍ ମଧ୍ୟ ଦିନିକିଆ ଟିମ୍‌ରେ ସାମିଲ ହୋଇଛନ୍ତି।

ଅଷ୍ଟ୍ରେଲିଆ-ଏ' ଚାରିଦିନିଆ ଟିମ୍: ଜାଭିୟର୍ ବାର୍ଟଲେଟ୍, କୁପର୍ କୋନୋଲୀ, ଜ୍ୟାକ୍ ଏଡ୍‌ୱାର୍ଡ୍ସ, କ୍ୟାମ୍ପବେଲ୍ କେଲାୱେ, ସାମ୍ କୋନ୍‌ଷ୍ଟାସ୍, ନାଥନ୍ ମ୍ୟାକ୍‌ସ୍ୱିନୀ, ଲାନ୍ସ ମରିସ୍, ଟଡ୍ ମର୍ଫି, ଫର୍ଗସ୍ ଓ'ନିଲ୍, ଓଲିଭର୍ ପିକ୍, ଜୋନ୍ ଫିଲିପ୍, କୋରୀ ରୋକ୍କିଚୋଲି, ଲିଆମ୍ ସ୍କଟ୍।

ଅଷ୍ଟ୍ରେଲିଆ-ଏ' ଦିନିକିଆ ଟିମ୍: କୁପର୍ କୋନୋଲି, ହ୍ୟାରୀ ଡିକ୍‌ସନ୍, ଜ୍ୟାକ୍ ଏଡ୍‌ୱାର୍ଡ୍ସ, ସାମ୍ ଇଲିୟଟ୍, ଜ୍ୟାକ୍ ଫ୍ରେଜର୍-ମ୍ୟାକ୍‌ଗର୍କ, ଏରନ୍ ହାର୍ଡି, ମ୍ୟାକେଞ୍ଜି ହାର୍ଭେ, ଟଡ୍ ମର୍ଫି, ତନ୍‌ବୀର ସାଂଘା, ଲିଆମ୍ ସ୍କଟ୍, ଲେଚି ଶ, ଟମ୍ ଷ୍ଟ୍ରେକର୍, ୱିଲ୍ ସଦରଲାଣ୍ଡ, କାଲମ୍ ୱିଡ୍‌ଲର୍।

# ସାରା ତେନ୍ଦୁଲକର ଏବେ ଟୁରିଜ୍‌ମ ଆଇକନ୍

ନୂଆଦିଲ୍ଲୀ: ମାଷ୍ଟର୍ ବ୍ଲାଷ୍ଟର୍ ସଚିନ୍ ତେନ୍ଦୁଲକରଙ୍କ କନ୍ୟା ସାରା ତେନ୍ଦୁଲକରଙ୍କୁ ବୁଲାବୁଲି ସହିତ ପାର୍ଟି କରିବା ବହୁତ ପସନ୍ଦ। ଏହି କ୍ରମରେ ଅଷ୍ଟ୍ରେଲିଆ ସରକାର ତାଙ୍କୁ ଏକ ବଡ଼ ଦାୟିତ୍ୱ ପ୍ରଦାନ କରିଛନ୍ତି। ସାରାଙ୍କୁ ଅଷ୍ଟ୍ରେଲୀୟ ସରକାର ନିଜର ବୈଶ୍ୱିକ ପର୍ଯ୍ୟଟନ ଅଭିଯାନ 'କମ୍ ଆଣ୍ଡ୍ ସେ ଗୁଡ଼ ଡେ'ର ବ୍ରାଣ୍ଡ୍ ଆମ୍ବାସଡର୍ ନିଯୁକ୍ତ କରିଛନ୍ତି। ସେ ଏହି ଅଭିଯାନର ଭାରତୀୟ ଅଂଶବିଶେଷର ନେତୃତ୍ୱ କରିବେ। ସାରା ଭାରତୀୟ ଲୋକଙ୍କୁ ଅଷ୍ଟ୍ରେଲିଆରେ ବୁଲାବୁଲି ସହିତ ଛୁଟି କଟାଇବା ପାଇଁ ପ୍ରେରିତ କରିବେ। ଅଷ୍ଟ୍ରେଲିଆ ସରକାର ଏବେ ଏହି ଅଭିଯାନର ଆଗାମୀ ଚରଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି ନୂଆ ଚରଣ ଅଗଷ୍ଟ ୭ରୁ ଚୀନ୍‌ରେ ଆରମ୍ଭ ହେବ ଏବଂ ବର୍ଷ ଶେଷ ମଧ୍ୟରେ ଭାରତ, ବ୍ରିଟେନ୍ ଏବେ ଜାପାନ ପରି ଦେଶରେ ଏହା ଲଞ୍ଚ୍ କରାଯିବ। ସାରାଙ୍କ ଭାଗୀଦାରୀ ଏହି ସୂଚାଉଛି ଯେ ଭାରତୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅଷ୍ଟ୍ରେଲିଆ ବିଶେଷ ଧ୍ୟାନ ଦେଉଛି। ସାରା ଟିଭି ଏବଂ ଡିଜିଟାଲ୍ ମିଡିଆ ଜରିଆରେ ଅଷ୍ଟ୍ରେଲିଆର ସୁନ୍ଦର ସ୍ଥାନ ଏବଂ ଅନୁଭବକୁ ଭାରତୀୟଙ୍କ ନିକଟରେ ପହଞ୍ଚାଇବେ। ଫଳରେ ଏକ ଭାବନାତ୍ମକ ଏବଂ ସାଂସ୍କୃତିକ ସମ୍ବନ୍ଧ ସ୍ଥାପନ ହୋଇପାରିବ।

# ୱେଷ୍ଟଇଣ୍ଡିଜ୍ ଓ ସାଉଥ୍ ଆଫ୍ରିକା ସହ ଟେଷ୍ଟ୍ ଖେଳିବ ଭାରତ

ମୁମ୍ବାଇ: ଇଂଲଣ୍ଡରେ ପାଞ୍ଚ ଟେଷ୍ଟ୍‌ର ସିରିଜ୍ ୨-୨ରେ ଡ୍ର' ରଖି ଟିମ୍ ଇଣ୍ଡିଆ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ୍ ଟେବଲ୍‌ରେ ତୃତୀୟ ସ୍ଥାନ ହାସଲ କରିଛି। ଟିମ୍‌ର ଏବେ ୨୮ ପଏଣ୍ଟ୍ ରହିଛି। ଭାରତ ଏବେ ଚଳିତ ବର୍ଷ ଘରୋଇ ପଡ଼ିଆରେ ୱେଷ୍ଟଇଣ୍ଡିଜ୍ ଓ ସାଉଥ୍ ଆଫ୍ରିକା ବିପକ୍ଷରେ ୨-୨ ମ୍ୟାଚ୍‌ର ଟେଷ୍ଟ୍ ସିରିଜ୍ ଖେଳିବ। ଦୁଇଟି ଯାକ ସିରିଜ୍ ଜିତିଲେ ଟିମ୍ ଟପ୍-୨ରେ ସ୍ଥାନ ହାସଲ କରିପାରିବ।

ଡବ୍ଲ୍ୟୁଟିସିର ନୂଆ ସାଇକ୍ଲ ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ୍ ସିରିଜ୍‌ରୁ ଆରମ୍ଭ ହୋଇଛି। ଏହି ଅବସରରେ ୱେଷ୍ଟଇଣ୍ଡିଜ୍ ଘରୋଇ ପଡ଼ିଆରେ ଅଷ୍ଟ୍ରେଲିଆ ସହିତ ଏବଂ ଶ୍ରୀଲଙ୍କା ବାଂଲାଦେଶ ସହିତ ସିରିଜ୍ ଖେଳିଛନ୍ତି। ନ୍ୟୁଜିଲାଣ୍ଡ, ପାକିସ୍ତାନ ଏବଂ ସାଉଥ୍ ଆଫ୍ରିକା ଟିମ୍ ଏବେ ସୁଦ୍ଧା କୌଣସି ସିରିଜ୍ ଖେଳିନାହାନ୍ତି। ତିନି ଟେଟ୍ରେ ଜିତି ଅଷ୍ଟ୍ରେଲିଆ ୧୦୦% ପଏଣ୍ଟ୍ ସହ ଟପ୍-୧ରେ ରହିଛି। ସେହିପରି ଗୋଟିଏ ବିଜୟ ଓ ଗୋଟିଏ ଡ୍ର' ସହିତ ଶ୍ରୀଲଙ୍କା ୬୭% ପଏଣ୍ଟ୍ ନେଇ ଦ୍ୱିତୀୟ ସ୍ଥାନରେ ରହିଛି। ଏହାପରେ ଭାରତ, ଇଂଲଣ୍ଡ, ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ୍ ୩ୟରୁ ୬ଷ୍ଠ ସ୍ଥାନରେ ଅଛନ୍ତି। ବାକି ତିନି ଟିମ୍‌ର ଖାତା ଖୋଲିନାହିଁ।

ଡବ୍ଲ୍ୟୁଟିସିର ଗୋଟିଏ ସାଇକ୍‌ଲରେ ଟିମ୍‌ଗୁଡ଼ିକ ୬ ଟେଷ୍ଟ୍ ସିରିଜ୍ ଖେଳିଥାନ୍ତି। ଏହା ମଧ୍ୟରୁ ତିନିଟି ଘରୋଇ ଏବଂ ତିନିଟି ବିଦେଶୀ ମାଟିରେ ଖେଳାଯାଇଥାଏ। ଭାରତ ଇଂଲଣ୍ଡରେ ସିରିଜ୍ ଖେଳିସାରିଛି। ଏବେ ଟିମ୍ ଚଳିତ ବର୍ଷ ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଘରୋଇ ମାଟିରେ ୨ ଟେଷ୍ଟ୍‌ର ସିରିଜ୍ ଖେଳିବ। ଏହାପରେ ନଭେମ୍ବରରେ ସାଉଥ୍ ଆଫ୍ରିକା ବିପକ୍ଷରେ ମଧ୍ୟ ଦୁଇ ମ୍ୟାଚ୍‌ର ଘରୋଇ ଟେଷ୍ଟ ସିରିଜ୍ ଖେଳିବ। ଘରୋଇ ପଡ଼ିଆରେ ସମସ୍ତ ଚାରିଟିଯାକ ଟେଷ୍ଟ୍ ଜିତିଲେ ଟିମ୍ ଇଣ୍ଡିଆର ୭୬ ପଏଣ୍ଟ୍ ହେବ ଏବଂ ଟିମ୍ ୭୦% ପଏଣ୍ଟ୍ ସହ ଟେବଲ୍‌କୁ ନମ୍ବର ୨ରେ ପହଞ୍ଚିଯିବ। ଇତିମଧ୍ୟରେ ଶ୍ରୀଲଙ୍କାର ୬୭% ପଏଣ୍ଟ୍ ଥିବାରୁ ଏହି ଅବସରରେ ଭାରତ ଯଦି ଗୋଟିଏ ବି ମ୍ୟାଚ୍ ଡ୍ର' ରଖେ, ତେବେ ତୃତୀୟ ସ୍ଥାନରେ ହିଁ ରହିଯିବ। ଫଳାଫଳ ଏହାଠାରୁ ଖରାପ ହେଲେ ଟିମ୍ ନଂ.୩ରୁ ମଧ୍ୟ ତଳକୁ ଯାଇପାରେ। ଫାଇନାଲ୍‌ରେ ପହଞ୍ଚିବା ଆଶା ବଜାୟ ରଖିବାକୁ ହେଲେ ଭାରତକୁ ଘରୋଇ ପଡ଼ିଆରେ ସମସ୍ତ ମ୍ୟାଚ୍ ଜିତିବାକୁ ହେବ। ସେହିପରି ଟିମ୍ ଇଣ୍ଡିଆ ୨୦୨୬ରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ଗସ୍ତକରି ୨-୨ ଟେଷ୍ଟ୍ ମ୍ୟାଚ୍‌ର ସିରିଜ୍ ଖେଳିବାର ଅଛି। ଏହାର ଫଳାଫଳର ସ୍ଥିର ହେବ ଟିମ୍‌କୁ ଫାଇନାଲ୍‌ରେ ପହଞ୍ଚିବା ପାଇଁ ଅନ୍ତିମ ସିରିଜ୍‌ରେ କେତେ ବିଜୟ ଆବଶ୍ୟକ ପଡ଼ିବ। ଭାରତ ୨୦୨୭ ଫେବୃଆରୀରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଟେଷ୍ଟ୍ ବିଶିଷ୍ଟ ଶେଷ ସିରିଜ୍ ଖେଳିବ। କଙ୍ଗାରୁ ଟିମ୍ ଗତ ଦୁଇଟି ଗସ୍ତ ଅବସରରେ ଭାରତକୁ ୧-୧ ଟେଷ୍ଟ୍‌ରେ ହରାଇସାରିଛି। ଏହି କାରଣରୁ ଅଷ୍ଟ୍ରେଲିଆ ସିରିଜ୍ ପୂର୍ବରୁ ହିଁ ଟିମ୍ ଇଣ୍ଡିଆକୁ ଫାଇନାଲ୍‌ରେ ସ୍ଥାନ ପକ୍କା କରିବାକୁ ପଡ଼ିବ।

## ପ୍ରତ୍ୟାବର୍ତ୍ତନ ପାଇଁ କୋହଲିଙ୍କ ପ୍ରସ୍ତୁତି ଆରମ୍ଭ

ଲଣ୍ଡନ: ମହାନ୍ ଭାରତୀୟ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ୫ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସେ ଲଣ୍ଡନରେ ଗୁଜରାଟ ଟାଇଟନ୍ସର ଆସିଷ୍ଟାଣ୍ଟ୍ କୋଚ୍ ନଇମ୍ ଅମୀନ୍‌ଙ୍କଠାରୁ ଟ୍ରେନିଂ ନେଉଛନ୍ତି। କୋହଲି ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷ ୩ ଦିନିକିଆ ସିରିଜ୍ ଖେଳିବେ।

୩୬ ବର୍ଷୀୟ ଭାରତୀୟ ବ୍ୟାଟ୍ସମ୍ୟାନ୍ ଶୁକ୍ରବାର ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ନିଜ ପ୍ରାକ୍ଟିସ୍‌ର ଫଟୋ ପୋଷ୍ଟ୍ କରିଛନ୍ତି। ଏଥିରେ ତାଙ୍କୁ ନଇମ୍ ଅମୀନ୍‌ଙ୍କ ଦେଖିବାକୁ ମିଳିଛି। ନଇମ୍‌ଙ୍କ ହାତରେ କୋହଲିଙ୍କ ବ୍ୟାଟ୍ ମଧ୍ୟ ଅଛି। ବିରାଟ ଏଥିରେ ଲେଖିଛନ୍ତି- 'ପ୍ରସ୍ତୁତିରେ ସହାୟତା କରିବା ପାଇଁ ଧନ୍ୟବାଦ ଭାଇ। ଆପଣଙ୍କୁ ଦେଖି ଭଲ ଲାଗୁଛି।'

ବିରାଟ କୋହଲି ଚଳିତ ବର୍ଷ ମାର୍ଚ୍ଚ ୯ ତାରିଖ ପରଠାରୁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିନାହାନ୍ତି। ଶେଷଥର ସେ ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଖେଳିଥିଲେ। ସେହି ମ୍ୟାଚ୍‌ରେ ଭାରତୀୟ ଟିମ୍ ୪ ୱିକେଟ୍‌ରେ ବିଜୟୀ ହୋଇଥିଲା। କୋହଲିଙ୍କୁ ଅକ୍ଟୋବରରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଦେଖିବାକୁ ମିଳିବ। ସେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ର ଦିନିକିଆ ସିରିଜ୍‌ରେ ଭାଗନେବେ। ଏହି ସିରିଜ୍ ଅକ୍ଟୋବର ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ଗସ୍ତରେ ୫ ଟି-୨୦ ମ୍ୟାଚ୍ ମଧ୍ୟ ଖେଳାଯିବ, କିନ୍ତୁ କୋହଲି ଏହି ସିରିଜ୍‌ରେ ଟିମ୍‌ର ସଦସ୍ୟ ରହିବେ ନାହିଁ। ସେ ଅନ୍ତର୍ଜାତୀୟ ଟି-୨୦ ଏବଂ ଟେଷ୍ଟ୍ କ୍ରିକେଟ୍‌ରୁ ଅବସର ନେଇସାରିଛନ୍ତି। ମେ' ୧୨ରେ ସେ ଟେଷ୍ଟ୍ କ୍ରିକେଟ୍‌କୁ ଅଲବିଦା କହିଛନ୍ତି। ଏହା ପୂର୍ବରୁ ୨୦୨୪ ଜୁନ୍ ୨୯ରେ ଟି-୨୦ ବିଶ୍ୱକପ୍ ଜିତିବା ପରେ ଏହି ଛୋଟ ଫର୍ମାଟ୍‌ରୁ ସନ୍ନ୍ୟାସ ନେଇଥିଲେ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**